
ଧରିତ୍ରୀ
DHARITRI
May 29- June 4, 2022 ₹ 2/-

ଛୁଟିଦିନ



୩

ପ୍ରଚ୍ଛଦ ପ୍ରସଙ୍ଗ

# ଶଙ୍ଖ

ହିନ୍ଦୁ ପରମ୍ପରାରେ ଏକ ପବିତ୍ର ଶବ୍ଦ
ହେଉଛି ଶଙ୍ଖ। ପୂଜାର୍ଚ୍ଚନା, ଚଳଣୀଠୁ ଆରମ୍ଭ କରି
ଶାରିରୀକ ସୁସ୍ଥତା ଯାଏ ସବୁଠି ରହିଛି
ଶଙ୍ଖର ସ୍ୱତନ୍ତ୍ର ଭୂମିକା...

## ସ୍ୱପ୍ନର ସଙ୍କେତ

**ସ୍ୱପ୍ନ ବି ବେଳେବେଳେ ଆମକୁ ଅନେକ ସଙ୍କେତ ଦେଇଥାଏ। କିନ୍ତୁ ଏକଥା ସମସ୍ତଙ୍କୁ ଜଣା ନଥାଏ। ତା'ହେଲେ ଆସନ୍ତୁ ଜାଣିବା ଜ୍ୟୋତିଷ ଶାସ୍ତ୍ର ଅନୁସାରେ କେଉଁ ସ୍ୱପ୍ନ ଆମକୁ କି ସଙ୍କେତ ଦେଇଥାଏ...**


* ଜ୍ୟୋତିଷଶାସ୍ତ୍ର ଅନୁସାରେ, ଖୋଲା ଆଲମାରିର ସ୍ୱପ୍ନ ଦେଖିଲେ ଏହା ଧନହାନିର ସଙ୍କେତ ଦେଇଥାଏ ବୋଲି ବିଶ୍ୱାସ କରାଯାଏ।

*ସେହିପରି ସ୍ୱପ୍ନରେ କିଛି ଶସ୍ୟ ଦେଖିବା ଚିନ୍ତାଗ୍ରସ୍ତର ସଙ୍କେତ ଦେଇଥାଏ।

* ଲୁଗାକାନିରେ ଲୁହ ପୋଛିବାର ସ୍ୱପ୍ନ ଦେଖିବା ଆଗକୁ ଭଲ ସମୟ ଆସିବାର ସୂଚନା ଦେଇଥାଏ।

*କୌଣସି ଅଜଣା ବ୍ୟକ୍ତିଙ୍କୁ ସ୍ୱପ୍ନରେ ଦେଖିଲେ ଆଗକୁ କିଛି ଅନିଷ୍ଟ ଘଟିବାର ସଙ୍କେତ ମିଳିଥାଏ।

*ଆଇସକ୍ରିମ୍ ଖାଇବାର ସ୍ୱପ୍ନ



ସୁଖଶାନ୍ତିରେ ରହିବାର ସୂଚନା ଦେଇଥାଏ।

*ଯଦି ସ୍ୱପ୍ନରେ କୌଣସି ଶିକ୍ଷକ ବା ଅଧ୍ୟାପକଙ୍କୁ ଦେଖନ୍ତି, ତା'ହେଲେ ଏହା ସଫଳତା ପ୍ରାପ୍ତିର ସଙ୍କେତ ଦିଏ।

*ସେହିପରି ଅନ୍ଧକାର ବା ଅନ୍ଧାରୁଆ ସ୍ଥାନର ସ୍ୱପ୍ନ ବିପତ୍ତିର ସୂଚନା ଦେଇଥାଏ।

*ସ୍ୱପ୍ନରେ ନିଆଁ ଦେଖିଲେ ଅସତ୍ ଉପାୟରେ ଟଙ୍କା ରୋଜଗାର କରିବାର ସଙ୍କେତ ମିଳିଥାଏ ।

*ଆତ୍ମହତ୍ୟା କରୁଥିବାର ଦୃଶ୍ୟ ସ୍ୱପ୍ନରେ ଦେଖିଲେ ଆୟୁଷ ବୃଦ୍ଧିର ସୂଚନା ମିଳେ।

*ନିଜକୁ ଆକାଶରେ ଉଡୁଥିବାର ସ୍ୱପ୍ନ ଯଦି କେହି ଦେଖନ୍ତି, ତା'ହେଲେ ଏହା ଉକ୍ତ ବ୍ୟକ୍ତିଙ୍କର ସଫଳତାପ୍ରାପ୍ତିର ସଙ୍କେତ ଦେଇଥାଏ ବୋଲି ବିଶ୍ୱାସ କରାଯାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୨୯-ଜୁନ୍ ୪

### ମେଷ


କର୍ମ କ୍ଷେତ୍ରରେ ପ୍ରତିବନ୍ଧକ, ଲକ୍ଷ୍ୟ ହାସଲରେ ସମସ୍ୟା, ବ୍ୟବସାୟରେ ଲାଭାଂଶ ବଢ଼ିବ, ନିଷ୍ପତ୍ତି ପରିବର୍ତ୍ତନ କରିପାରନ୍ତି, ଅର୍ଥ ସାହାଯ୍ୟ ପାଇବେ, ସଙ୍ଗୀତ, ଚଳଚ୍ଚିତ୍ରରେ ଅଗ୍ରଗତି, ଆନୁଷ୍ଠାନିକ କର୍ମାରମ୍ଭ।

### ବୃଷ


ଆକସ୍ମିକ ଦୂରଯାତ୍ରା, ମିତ୍ରବନ୍ଧୁ ଦର୍ଶନ, କାମରେ ଯୋଗଦେବେ, ସହଯୋଗ ମିଳିବ, ଅର୍ଥଲାଭ ଘଟିବ, ନୀରବଦ୍ରଷ୍ଟା ସାଜିପାରନ୍ତି, ନୀଚ ସଂସର୍ଗରୁ ସମାଲୋଚନା, ରୋଗପୀଡ଼ା କମିବ, ନୂଆ ଜିନିଷ କିଣିବେ।

### ମିଥୁନ


ମଧୁର ସମ୍ପର୍କ ସୃଷ୍ଟିହେବ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ପିଲାଙ୍କ ବିଶୃଙ୍ଖଳିତ ଆଚରଣ, ପାରିଶ୍ରମିକ ପାଇବେନି, ମନୋରଞ୍ଜନ ପ୍ରତି ରୁଚି, ସହକର୍ମୀଙ୍କ ସାହାଯ୍ୟ, ବସ୍ତ୍ରଭୂଷଣପ୍ରାପ୍ତି, ବାଣିଜ୍ୟରେ ଅଗ୍ରଗତି।

### କର୍କଟ


ମାନସିକ ଦ୍ୱନ୍ଦ୍ୱ, ନିଷ୍ପତ୍ତି ନେବାରେ ବିଳମ୍ବ, ଅବସାଦ ଦୂରହେବ, ବ୍ୟାପାରରେ ଲାଭ, ସଭାକୁ ନିମନ୍ତ୍ରଣ, ସମ୍ମାନିତ ହେବେ, ଶୁଭଖବର ପାଇବେ, ଯାନବାହନରେ ସମସ୍ୟା।

### ସିଂହ


ମତ ପରିବର୍ତ୍ତନ କରିବେ, ପ୍ରତିଶ୍ରୁତିରେ ଖିଲାପ, ପୁରାତନ ରୋଗପୀଡ଼ା, ପରାଶ୍ରୟତାର ଦୁଃଖ, ପରିସ୍ଥିତି ବଦଳିଯିବ, ଯୋଜନା ବିଗିଡ଼ିପାରେ, ଆତ୍ମୀୟଙ୍କ ଅନୁରାଗ, ପରିବାରରେ ଶାନ୍ତି, ସୁଯୋଗ ପାଇବେ, ପରିବହନରେ ଝଗଡ଼ା, ଯାତ୍ରା ସ୍ଥଗିତ ରହିଯିବ।

### କନ୍ୟା


ଆକସ୍ମିକ କଳହ, ସନ୍ଦେହରେ ପଡ଼ିବେ, ବିଳମ୍ବରେ ସଫଳତା, ସମାଲୋଚିତ ହେବେ, ତରବରିଆ ପଦକ୍ଷେପ, ହଇରାଣ ହେବେ, ତୀର୍ଥାଟନରୁ ଫେରିବେ, କାର୍ଯ୍ୟ ସିଦ୍ଧି ଘଟିବ, କର୍ମକ୍ଷେତ୍ରରେ ଦକ୍ଷତା, ସାମାଜିକ ସମ୍ମାନ, ଗୁରୁଜନଙ୍କ ପ୍ରଶଂସା।

### ତୁଳା


ନୂତନ ବନ୍ଧୁତ୍ୱ, ସୁସମ୍ପର୍କ ବ୍ୟାହତ ହେବ, ପରୋକ୍ଷ ଶତ୍ରୁତା, ପ୍ରତିବନ୍ଧକ ଦୂରେଇବ, ବନ୍ଧୁ ସାହାଯ୍ୟ କରିବେ, ସଫଳତା ମିଳିବ, ଆଲୋଚନା ଜାରି ରହିବ, ମନୋବଳ ହ୍ରାସ, କାମଶେଷ ହେବନି, ଉପରିସ୍ଥଙ୍କ ଓଲଟା କଥା।

### ବିଛା


ବିଶ୍ୱାସକରି ଅପଦସ୍ଥ, ଧନହାନି ପ୍ରାଣପୀଡ଼ା, ଭ୍ରାତୃ ବିବାଦ, ସାଧାରଣ କଥାରୁ ବଚସା, ବ୍ୟବସାୟରୁ ଲାଭବାନ, ବନ୍ଧୁଙ୍କ ପ୍ରତିଶ୍ରୁତି, କଳାସାହିତ୍ୟରେ ପ୍ରଶଂସା, ଋଣ ପରିଶୋଧ କରିବେ, ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା, ଧର୍ମ କାର୍ଯ୍ୟ କରିବେ।

### ଧନୁ


ଶାରୀରିକ ସୁସ୍ଥତା, ଆର୍ଥିକ ଅଭିବୃଦ୍ଧି, ପରିସ୍ଥିତି ବଦଳିବ, ରାଜକୀୟ ସମ୍ମାନପ୍ରାପ୍ତି, ଲକ୍ଷ୍ୟ ପୂରଣ ହେବ, ରାଜନୈତିକ ପ୍ରତିଷ୍ଠା, ସାହିତ୍ୟ ସଙ୍ଗୀତରେ ରୁଚି, ସମ୍ପର୍କ ହାନି, ସମସ୍ୟା ସୁଧାରି ନେବେ, ଖର୍ଚ୍ଚ ପରିମାଣ ବଢ଼ିବ।

### ମକର


ବିଭିନ୍ନ ପ୍ରକାର ସମସ୍ୟା, ଟେନ୍ସନ ବଢ଼ିବ, ପାରିବାରିକ ନିନ୍ଦା, ଆତ୍ମୀୟଙ୍କ ନୀରବତା, ଧାରକରଜ କରିବେ, ଜମିଜମା କ୍ରୟବିକ୍ରୟ, ଯାତ୍ରା ପାଇଁ ପ୍ରସ୍ତୁତି, ସତ୍‌ସଙ୍ଗର ମଉକା, ମନୋରଞ୍ଜନରେ ଅରୁଚି, ନୂତନ ଦାୟିତ୍ୱ ନେଇପାରନ୍ତି।

### କୁମ୍ଭ


ସ୍ୱାର୍ଥହାନିରୁ କ୍ଷୋଭ, ମାନସିକ ଅଶାନ୍ତି, ବନ୍ଧୁଙ୍କୁ ସନ୍ଦେହ, ଫଳପ୍ରଦ ଆଲୋଚନା, ସହକର୍ମୀଙ୍କ ଉଦାରତା, କଳହକୁ ନିୟନ୍ତ୍ରଣ, ଲକ୍ଷ୍ୟହୀନ ଯାତ୍ରା, ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି, ସଂଯମତା ହରାଇବେ।

### ମୀନ


ପୂର୍ବକଳ୍ପିତ ଯୋଜନାରମ୍ଭ, ଆର୍ଥିକ ଅନଟନ, ବ୍ୟସ୍ତବିବ୍ରତ ହେବେ, ବନ୍ଧୁଙ୍କ ଦ୍ୱାରସ୍ଥ ହେବେ, ଦୁଶ୍ଚିନ୍ତାର ମାତ୍ରା କମିବ, ଦ୍ରବ୍ୟ ପ୍ରାପ୍ତିରୁ ଆନନ୍ଦ, ବୁଝାମଣାରେ ଅଗ୍ରଗତି, ଆଶା ପୂରଣ ହେବ, ନିର୍ମାଣରେ ଦ୍ୱନ୍ଦ୍ୱ, ନୂତନ ନିଯୁକ୍ତି।

## ଗଛ ବି କରିବ ଭାଗ୍ୟ ପରିବର୍ତ୍ତନ

ଘରେ ଶାନ୍ତି ବଜାୟ ରହିବା ସହ ସୁଖସମୃଦ୍ଧି ବୃଦ୍ଧି କରିବାକୁ କାହାର ବା ଇଚ୍ଛା ନୁହେଁ। ସେଥିପାଇଁ କିଏ କେତେ ପ୍ରକାରର ବିଧିବିଧାନକୁ ଆପଣେଇଥାନ୍ତି। ହେଲେ ଜାଣିଛନ୍ତି ବାସ୍ତୁଶାସ୍ତ୍ର ଅନୁସାରେ, ଏମିତି କେତେକ ଗଛ ଅଛି ଯାହାକୁ ଘରେ ଲଗାଇବା ଦ୍ୱାରା ଧନବୃଦ୍ଧି ହେବା ସହ ଭାଗ୍ୟ ମଧ୍ୟ ବଦଳିଯାଇଥାଏ। ଯେମିତିକି ମନିପ୍ଲାଣ୍ଟ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଗୃହର ଆଗ୍ନେୟ କୋଣରେ ଏହି ବୃକ୍ଷକୁ ଲଗାଇଲେ ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ। ତା'ଛଡ଼ା ଏହି ବୃକ୍ଷକୁ ଏମିତି ଲଗାଇବା ଦରକାର ଯେମିତିକି ଏହାର ଡାଳ ଓ ପତ୍ର ଉର୍ଦ୍ଧ୍ୱଗାମୀ ହୋଇ ବଢୁଥିବ। ତା'ଛଡ଼ା ଏହି ଗଛର ପତ୍ର ଯେତେ ସବୁଜ ଶ୍ୟାମଳ ହୋଇ ରହିବ ସେତେ ଭଲ। ସେହିପରି ତୁଳସୀ ଗଛକୁ ପବିତ୍ରତାର ସ୍ୱରୂପ ବୋଲି କୁହାଯାଇଥାଏ। ଘରୁ ନକାରାତ୍ମକ ଶକ୍ତିକୁ ଦୂର କରିବାରେ ଏହା ବେଶ୍ ସହାୟକ ହୋଇଥାଏ। ତେବେ ଘରର ଉତ୍ତର ଦିଗ କିମ୍ବା ଉତ୍ତର-ପୂର୍ବ ଦିଗରେ ତୁଳସୀ ଗଛକୁ ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ। ଧଳା ଅପରାଜିତା ଫୁଲ ଫୁଟୁଥିବା ଗଛ ଘରେ ଲଗାଇବା ମଧ୍ୟ ଶୁଭ ହୋଇଥାଏ। ଏହାଦ୍ୱାରା ଘରେ ଧନବୃଦ୍ଧି ହୁଏ ବୋଲି ବିଶ୍ୱାସ କରାଯାଏ। ଏରିକା ପାମ୍ ବୃକ୍ଷକୁ ବି ଲକି ପ୍ଲାଣ୍ଟ ବୋଲି ଅନେକେ କହିଥାନ୍ତି। ଏହି ବୃକ୍ଷ କେବଳ ଦେଖିବାକୁ ସୁନ୍ଦର ହୋଇଥାଏ ତାହା ନୁହେଁ, ଏହାକୁ ଘରେ ରଖିଲେ ଘରର ବାୟୁ ସ୍ୱଚ୍ଛ ରହିବା ସହ ଐଶ୍ୱର୍ଯ୍ୟ ମଧ୍ୟ ବୃଦ୍ଧି ପାଇଥାଏ।



## ପାଠକୀୟ

*ପ୍ରତ୍ୟେକ ଗାଁର ପରିଚୟ ତା' ନାଁକୁ ନେଇ। ହେଲେ ବେଳେବେଳେ ପରିବର୍ତ୍ତିତ ପରିସ୍ଥିତିରେ ବଦଳିଯାଏ ସେ ଗାଁର ନାଁ। ତା'ସହ ଯୋଡ଼ି ହୋଇଯାଏ ନୂଆ ପରିଚୟ। ସେମିତି ରଙ୍ଗବତୀ ଗୀତର ଲୋକପ୍ରିୟତା ପାଇଁ ବିଲୁଙ୍ଗ ଗାଁ ଏବେ 'ରଙ୍ଗବତୀ ବିଲୁଙ୍ଗ' ନାମରେ ପରିଚିତ। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଗୀତ ପାଇଁ ବଦଳିଲା ଗାଁର ନାଁ' ଆଲେଖ୍ୟଟି ବେଶ୍ ସୁନ୍ଦର ହୋଇଥିଲା। 'ବାସ୍ତୁ ଅନୁଯାୟୀ ଭୋଜନ କରିବାର ନିୟମ', 'ରୋଗ ପ୍ରତିରୋଧକ ଶକ୍ତି ବଢିବ କେମିତି' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିହେଲା।

*—ପଲ୍ଲବୀ ରାୟ, ଲିଙ୍ଗରାଜ ବିହାର, ଭୁବନେଶ୍ୱର*

* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଗୀତ ପାଇଁ ବଦଳିଲା ଗାଁର ନାଁ' ଏକ ସୁନ୍ଦର ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରେ ସ୍ଥାନିତ 'ଚେକ୍ ପ୍ରିଣ୍ଟ ଫ୍ୟାଶନ' ସମ୍ପର୍କରେ ବହୁ ଦରକାରୀ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରତିଭାବାନ୍ ଶିଳ୍ପୀ ଅନୁପ କୁମାର ଚାନ୍ଦଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ ଭାଗ ନାମକ ଗପଟି ବେଶ୍ ମନଛୁଆଁ ଲାଗୁଥିଲା।

*—ମାନମୟୀ ସେଠୀ, ବଡ଼ଶଙ୍ଖ, ପୁରୀ*

* ସିନେମା ପୃଷ୍ଠାରେ ସ୍ଥାନିତ ଚିନ୍ତା କରୁଛନ୍ତି ଦୀପିକା, ବିଶ୍ୱରୂପଙ୍କ ନୂଆ ଅବତାର, ମାନୁଷୀଙ୍କ କବିତା ନିଶା ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ନିଆରା ଲାଗୁଥିଲା। କବି ତଥା ପୋଲିସ ପ୍ରଶାସନିକ ଅଧିକାରୀ ମାନସ ରଞ୍ଜନ ବାରିକଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ଖୁବ୍ ମନଛୁଆଁ ହୋଇପାରିଥିଲା। ସାଥୀର ଉତ୍ତର ମଧ୍ୟ ବେଶ୍ ରୋମାଣ୍ଟିକ୍ ଥିଲା।

*—ଭାଗ୍ୟଶ୍ରୀ ମଲ୍ଲିକ, ବଜ୍ରକବାଟି ରୋଡ୍, କଟକ*

* 'ଭିନ୍ନ ରାଜ୍ୟ ଭିନ୍ନ ଚପଲ' ନାମକ ଆଲେଖ୍ୟଟିରୁ ବିଭିନ୍ନ ରାଜ୍ୟରେ ପ୍ରଚଳିତ ହେଉଥିବା କିଛିଟା ନିଆରା ଚପଲ ସମ୍ପର୍କରେ ଜାଣିବାର ସୁଯୋଗ ମିଳିଲା। ମଡେଲ୍ ମିରର୍‌ରେ ସ୍ୱାତିକା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ମଧ୍ୟ ଖୁବ୍ ମଜାଦାର୍ ଥିଲା। ସହର ପୃଷ୍ଠାରେ ସ୍ଥାନିତ 'ଖରାରେ ଯାଆନ୍ତୁ ବେଳାଭୂମି' ପାଠଟିରୁ ବହୁ ନୂଆ ନୂଆ ସ୍ଥାନ ସମ୍ପର୍କରେ ଜାଣି ଖୁସି ଲାଗିଲା।

*—ମଞ୍ଜୁସା ତ୍ରିପାଠୀ, ସମ୍ବଲପୁର*

*ବିବିଧା ପୃଷ୍ଠାରେ ସ୍ଥାନିତ 'ମଣିଷ ପାଇଁ ଡଗ୍ ବେଡ୍' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପ୍ୟାଡେଲ ନଥିବା ସାଇକେଲ୍', 'ବିଲେଇ ସହ ବିବାହ' ଓ 'କାନ୍ଧରେ ଦୁଇଜଣଙ୍କୁ ଟେକି ଖେଳିଲେ ସ୍କିପିଂ' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ଥିଲା।

*—ଜୟନ୍ତୀ ବେହେରା, ଝାରସୁଗୁଡ଼ା*

### ବିଶେଷ ଚିଠି

'ଗୀତ ପାଇଁ ବଦଳିଲା ଗାଁର ନାଁ'
ଏହା ଥିଲା ଏଥରର ତୁମ ପ୍ରଚ୍ଛଦ
ଯାହା ଲାଗିଥିଲା ସଭିଙ୍କୁ ପସନ୍ଦ।
ସତରେ ଛୁଟିଦିନ ତୁମର ଯବାବ ନାହିଁ
ସବୁ ରବିବାରେ ଆସ ଆମରି ପାଇଁ
ଲେଖାରେ ସଭିଙ୍କ ମନକୁ ଜିଣିବା ପାଇଁ।
ସେଥିପାଇଁ ହେ ଛୁଟିଦିନ

ତୁମେ ଭଲରେ ଥାଅ
ସବୁବେଳେ ଏମିତି
ଝଲସୁଥାଅ।

**—ମନୋରମା ମିଶ୍ର, ଚନ୍ଦନପୁର, ପୁରୀ**




ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଶଙ୍ଖ



**ହିନ୍ଦୁ ପରମ୍ପରାରେ ଏକ ପବିତ୍ର ଶବ୍ଦ ହେଉଛି ଶଙ୍ଖ। ପୂଜାର୍ଚ୍ଚନା, ଚଳଣୀଠୁ ଆରମ୍ଭ କରି ଶାରିରୀକ ସୁସ୍ଥତା ଯାଏ ସବୁଠି ରହିଛି ଶଙ୍ଖର ସ୍ୱତନ୍ତ୍ର ଭୂମିକା...**

ଭାରତୀୟ ସଂସ୍କୃତିରେ ଶଙ୍ଖର ମାହାତ୍ମ୍ୟ ସ୍ୱତନ୍ତ୍ର। ତେବେ ଶଙ୍ଖ ଏକ ସଂସ୍କୃତ ଶବ୍ଦ। ଏହାର ବ୍ୟୁତ୍ପତ୍ତି– ‘‘ଶାମ୍ୟତି ଅଶୁଭମସ୍ମାଦିତି’’। ‘ଶଂ’ ଅର୍ଥ ମଙ୍ଗଳ, କଲ୍ୟାଣ, ଶୁଭ ଇତ୍ୟାଦି ଏବଂ ‘ଖ’ ଅର୍ଥ ଆକାଶ। ‘ଆକାଶ’ ଶୂନ୍ୟ ତତ୍ତ୍ୱ ଅଟେ। ଶଙ୍ଖ ମଧ୍ୟରେ ଶୂନ୍ୟତା ରହିଛି। ଆକାଶର ଗୁଣ ‘ଧ୍ୱନି’ ବା ‘ଶବ୍ଦ’। ଶଙ୍ଖ ଯିଏ ଆପଣାର ସୁମଧୁର ଧ୍ୱନି ଦ୍ୱାରା ଜଗତକୁ ଶାନ୍ତ କରେ। ଏହା ଏକ ଶୁଭ ଓ ପବିତ୍ର ବସ୍ତୁ, ଯାହା ଶତ୍ରୁ ପରାସ୍ତକାରୀ, ପାପନାଶନକାରୀ, ରୋଗ ଓ ଦାରିଦ୍ର୍ୟ ଦୂରକାରୀ ବୋଲି କେତେକ ଗ୍ରନ୍ଥ ଓ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। ବିଶେଷକରି ହିନ୍ଦୁମାନେ ଏହାକୁ ଘରେ, ଦେବାଳୟରେ ପୂଜା ଆଦି ସମସ୍ତ ମାଙ୍ଗଳିକ କର୍ମରେ ବ୍ୟବହାର କରିଥାନ୍ତି। ଅନ୍ୟପକ୍ଷେ ପ୍ରାଚୀନ କାଳରେ ଯେତେବେଳେ ମୁଦ୍ରାର ପ୍ରଚଳନ ହୋଇ ନ ଥିଲା ସେତେବେଳେ କଉଡ଼ି ଓ ଶଙ୍ଖକୁ ମୁଦ୍ରା ରୂପେ ବ୍ୟବହାର କରାଯାଉଥିଲା। ସମୁଦ୍ର ମନ୍ଥନରୁ ମିଳିଥିବା ଅନେକ ରତ୍ନ ମଧ୍ୟରୁ ଶଙ୍ଖ ଗୋଟିଏ। ଅଥର୍ବ ବେଦର ଚତୁର୍ଥ କାଣ୍ଡ (ଶଙ୍ଖମଣି ସୂକ୍ତ)ରେ ଶଙ୍ଖର ମହିମା ବର୍ଣ୍ଣନା କରାଯାଇଛି।



ପୂର୍ବେ ଯୁଦ୍ଧର ଆରମ୍ଭରେ ଓ ଅନ୍ତରେ ତଥା ବିଜୟସୂଚନା ନିମନ୍ତେ ଶଙ୍ଖ ବାଦନ କରାଯାଉଥିଲା। ମହାଭାରତ ଯୁଦ୍ଧରେ ବିଭିନ୍ନ ବ୍ୟକ୍ତି ବିଭିନ୍ନ ଶଙ୍ଖ ବଜାଇଥିବା ଦେଖିବାକୁ ମିଳେ। ମହାଭାରତ ଯୁଦ୍ଧ ଆରମ୍ଭରେ କୌରବ ପକ୍ଷରୁ ପିତାମହ ଭୀଷ୍ମ ପ୍ରଥମେ ଶଙ୍ଖ ବାଦନ କରିଥିଲେ। ତା’ପରେ ଅନ୍ୟମାନେ ଶଙ୍ଖ ବଜାଇଲେ। ପାଣ୍ଡବମାନଙ୍କ ପକ୍ଷରୁ ଭଗବାନ ଶ୍ରୀକୃଷ୍ଣ ତାଙ୍କର ପାଞ୍ଚଜନ୍ୟ ଶଙ୍ଖ ବଜାଇଥିଲେ। ‘ଗୀତା’ରେ ବର୍ଣ୍ଣିତ ଅଛି –

‘‘ପାଞ୍ଚଜନ୍ୟଂ ହୃଷିକେଶୋ ଦେବଦତ୍ତଂ ଧନଞ୍ଜୟଃ।
ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖଂ ଭୀମକର୍ମା ବୃକୋଦରଃ ।।
ଅନନ୍ତବିଜୟଂ ରାଜା କୁନ୍ତିପୁତ୍ରୋ ଯୁଧିଷ୍ଠିରଃ।
ନକୁଳଃ ସହଦେବଶ୍ଚ ସୁଘୋଷମଣିପୁଷ୍ପକୌ ।।’’

– ଅର୍ଥାତ୍ ଭଗବାନ ‘ପାଞ୍ଚଜନ୍ୟ’ ନାମକ ଶଙ୍ଖ ବଜାଇଥିବା ବେଳେ ଅର୍ଜୁନ ‘ଦେବଦତ୍ତ’ ନାମକ ଶଙ୍ଖ ଓ ଭୀମସେନ ‘ପୌଣ୍ଡ୍ର’ ନାମକ ଶଙ୍ଖ ବଜାଇଥିଲେ। ଯୁଧିଷ୍ଠିର, ନକୁଳ ଓ ସହଦେବଙ୍କ ଶଙ୍ଖର ନାମ ଯଥାକ୍ରମେ ଅନନ୍ତବିଜୟ, ସୁଘୋଷ ଓ ମଣିପୁଷ୍ପକ ଥିଲା। ମହାଭାରତରେ ସଞ୍ଜୟ ଶଙ୍ଖ ବାଦନ ବର୍ଣ୍ଣନାରେ କୌରବ ସେନା ପକ୍ଷରୁ କେବଳ ଭୀଷ୍ମଙ୍କ ନାମ ଉଚ୍ଚାରଣ କରିଥିବାବେଳେ ପାଣ୍ଡବ ସେନାର ଶୂରବୀରଙ୍କ ମଧ୍ୟରୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସମେତ ୧୮ ଜଣଙ୍କ ନାମ କହିଥିଲେ।

**ଶଙ୍ଖର ପ୍ରକାର ଭେଦ**– ଶଙ୍ଖ ସାଧାରଣତଃ ଦୁଇ ପ୍ରକାର। ୧. ଦକ୍ଷିଣାବର୍ତ୍ତ, ୨. ବାମାବର୍ତ୍ତ। ତେବେ ଅନ୍ୟ ଏକ ମଧ୍ୟାବର୍ତ୍ତ ଶଙ୍ଖ ମଧ୍ୟ ଦେଖାଯାଏ। ଏହି ପ୍ରକାର ଶଙ୍ଖର ମୁଖ ଖୋଲା। ଯେଉଁ ଶଙ୍ଖର ଆବର୍ତ୍ତ (ଭଉଁରି) ଦକ୍ଷିଣ ଆଡ଼କୁ ବୁଲିଥାଏ ତାହାକୁ ଦକ୍ଷିଣାବର୍ତ୍ତ ଶଙ୍ଖ କହନ୍ତି। ସେହିପରି ବାମ ଆଡ଼କୁ ଆବର୍ତ୍ତ ବୁଲିଥିଲେ ତାକୁ ବାମାବର୍ତ୍ତ ଶଙ୍ଖ କହନ୍ତି। ଦକ୍ଷିଣାବର୍ତ୍ତ ଶଙ୍ଖ ଦୁର୍ଲଭ ହୋଇଥିବାରୁ ଏହାର ଦାମ୍ ମଧ୍ୟ ଅଧିକ ଥାଏ। ସମୁଦ୍ରରେ ନାନା ପ୍ରକାର ଓ ବର୍ଣ୍ଣର ଶଙ୍ଖ ଦେଖାଯାଏ।

**ଶଙ୍ଖ ସ୍ଥାପନର ମହତ୍ତ୍ୱ**– ହିନ୍ଦୁଧର୍ମରେ ବିଶ୍ୱାସ ରହିଛି, ଯେଉଁ ଘରେ ଶଙ୍ଖ ସ୍ଥାପନ ଓ ପୂଜାର୍ଚ୍ଚନା କରାଯାଏ ସେଠାରେ ଲକ୍ଷ୍ମୀ ନିବାସ କରନ୍ତି। କିନ୍ତୁ ଶଙ୍ଖର ପୂଜାର୍ଚ୍ଚନା ନୀତିନିୟମ, ବିଧିପୂର୍ବକ ହେବା ଆବଶ୍ୟକ। ସାଧାରଣତଃ ଶଙ୍ଖକୁ ଭଣ୍ଡାର ଘରେ ସ୍ଥାନ ଦେଲେ ଲକ୍ଷ୍ମୀ, ଧନ ଓ ବୈଭବ ଆଦି ପ୍ରାପ୍ତ ହୋଇଥାଏ ବୋଲି ଧର୍ମବିଶ୍ୱାସ ରହିଛି। ବିଭିନ୍ନ ଯଜ୍ଞାନୁଷ୍ଠାନ, ମାଙ୍ଗଳିକ କାର୍ଯ୍ୟ, ରାଜାଭିଷେକ, ନୂତନ ଗୃହ ପ୍ରବେଶ, ବାସ୍ତୁଶାନ୍ତି, ପିତୃ ତର୍ପଣ ଆଦି କାର୍ଯ୍ୟରେ ଶଙ୍ଖ ବାଦନ କରାଯାଇଥାଏ। ଅନ୍ୟପକ୍ଷରେ ପାଞ୍ଚଜନ୍ୟ ଓ ମଣିପୁଷ୍ପକ ଶଙ୍ଖର ସ୍ଥାପନା ଏବଂ ଶଙ୍ଖରେ ଗାଈକ୍ଷୀର ରଖି ଘରେ ସିଞ୍ଚନ କଲେ ବାସ୍ତୁ ଦୋଷ ଦୂର ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଶଙ୍ଖଧ୍ୱନିରେ ଘର ଓ ବାହାରେ ଥିବା ଅଶୁଭ ଶକ୍ତି ଅପସରି ଯାଆନ୍ତି ବୋଲି କୁହାଯାଏ। ଶଙ୍ଖକୁ ମଧ୍ୟ ଦେବତାଙ୍କ ପ୍ରତୀକ ରୂପେ ଗ୍ରହଣ କରାଯାଏ। ଗଣେଶ, ବିଷ୍ଣୁ, ରୁଦ୍ର, ଭଗବତୀ ଆଦି ଦେବଦେବୀଙ୍କ ଅଭିଷେକ ସମୟରେ ଲାଲ କପଡ଼ା ପକାଇ ଶଙ୍ଖକୁ ପଞ୍ଚାମୃତରେ ଅଭିଷେକ କରାଯାଇଥାଏ। ଲକ୍ଷ୍ମୀ ଯେମିତି ସୁଖ, ସମୃଦ୍ଧି ଓ ଐଶ୍ୱର୍ଯ୍ୟର ପ୍ରତୀକ ; ଶଙ୍ଖ ମଧ୍ୟ ଏହିସବୁ ଗୁଣରେ ପରିପୂର୍ଣ୍ଣ।

→













ଯେଉଁ ଗୃହରେ ନିତ୍ୟଶ୍ରୀ ବିଷ୍ଣୁ ଭଗବାନ ଧାରଣ କରୁଥିବା ଦକ୍ଷିଣାବର୍ତ୍ତ ଶଙ୍ଖକୁ ଭକ୍ତି ସହକାରେ ପୂଜା କରାଯାଏ, ସେ ଗୃହରେ ଲକ୍ଷ୍ମୀଙ୍କର କୃପାଦୃଷ୍ଟି ସର୍ବଦା ଥାଏ। ମନ୍ଦିରରେ ପୂଜାର୍ଚ୍ଚନା ଓ ଆଳତି ସମୟରେ ମଧ୍ୟ ଶଙ୍ଖ ବାଦନ କରାଯାଇଥାଏ।

**ଶଙ୍ଖଧ୍ୱନି–** ଶଙ୍ଖ ନାଦର ପ୍ରତୀକ। ସୃଷ୍ଟିର ପ୍ରାରମ୍ଭ ନାଦରୁ ହିଁ ହୋଇଥିଲା। ବିଲୟ ମଧ୍ୟ ନାଦରେ ଘଟିଥାଏ। ଶଙ୍ଖ ଓଁକାରର ପ୍ରତୀକ। ଶଙ୍ଖନାଦରୁ ଓଁନାଦ ପ୍ରକମ୍ପିତ ହୋଇଥିଲା। 'ଅ', 'ଉ', 'ମ' ରୁ ଓଁର ଉଚ୍ଚାରଣ। ଓଁ ହେଉଛି ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ପ୍ରତୀକ। ସେଥିପାଇଁ ଦେବାଳୟରେ ପୂଜାର୍ଚ୍ଚନା ଓ ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ଶଙ୍ଖ ବାଦନ ଶୁଭକାରକ। ବିଶ୍ୱାସ ରହିଛି ଶଙ୍ଖଧ୍ୱନିରେ ଖରାପ ସମୟ ଚାଲିଯାଏ ଏବଂ ଭଲ ସମୟ ଆସିଥାଏ। ତେବେ କିଭଳି ଭାବରେ ଶଙ୍ଖ ବାଦନ କରିବା ଉଚିତ ବା ଅନୁଚିତ ସେ ସମ୍ପର୍କରେ ପୁରାଣରେ କେତେ କଥା ବର୍ଣ୍ଣିତ ହୋଇଛି। ସକାଳେ ଶଙ୍ଖକୁ ତିନିଥର ବଜାଇବ। ସନ୍ଧ୍ୟାରେ ତିନିଥର ଏବଂ ରାତିରେ ଏକଥର ବଜାଇଲେ ସମସ୍ତ ବିପଦ ଟଳିଥାଏ ବୋଲି ବିଶ୍ୱାସ ରହିଛି। ତମ୍ବାପାତ୍ରରେ ଶଙ୍ଖ ରଖିଲେ ସେଥିରେ ଓଷଧୀୟ ଗୁଣ ସୃଷ୍ଟି ହୋଇଥାଏ ।

## ପରମ୍ପରାରେ ଶଙ୍ଖ

ହିନ୍ଦୁଧର୍ମରେ ବିଭିନ୍ନ ପରମ୍ପରାରେ ଶଙ୍ଖ ଓତପ୍ରୋତ ଭାବେ ଜଡ଼ିତ। ଭାରତର କେତେକ ଅଞ୍ଚଳର ହିନ୍ଦୁ ସଧବା ରମଣୀମାନେ ହାତରେ ଶଙ୍ଖନିର୍ମିତ ଶଙ୍ଖା ପିନ୍ଧନ୍ତି। ବିବାହ ସମୟରେ ବର କନ୍ୟା ହାତରେ ଶଙ୍ଖା ପିନ୍ଧାଇଥା'ନ୍ତି। ଲୋକେ ସଧବା ସ୍ତ୍ରୀକୁ ଆଶୀର୍ବାଦପୂର୍ବକ ''ତୋ ହାତର ଶଙ୍ଖା ବଜ୍ରପରି ଦୃଢ଼ ହେଉ'' ବୋଲି କହିଥାନ୍ତି। ଏହାଛଡ଼ା ଓଡ଼ିଶାର ଗାଁମାନଙ୍କରେ ବିଭିନ୍ନ ସାମାଜିକ ତଥା ମାଙ୍ଗଳିକ କାର୍ଯ୍ୟରେ ଶଙ୍ଖ ବଜାଉଥିବା ଲୋକଙ୍କୁ ଶଙ୍ଖୁଆ ବୋଲି କୁହାଯାଉଥିଲା, ଯାହା ଏବେ ମଧ୍ୟ ପ୍ରଚଳିତ।

## ଶଙ୍ଖକ୍ଷେତ୍ର

ଅନେକ ପୁରାଣ ଶାସ୍ତ୍ରରେ ପୁରୁଷୋତ୍ତମ କ୍ଷେତ୍ର ଶ୍ରୀକ୍ଷେତ୍ରକୁ ଶଙ୍ଖକ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି। ଶଙ୍ଖକ୍ଷେତ୍ର ପାଞ୍ଚକୋଶ (ତେଣୁ ଏହାକୁ ପଞ୍ଚକ୍ରୋଶୀ କହନ୍ତି)। ଏହି ପଞ୍ଚକୋଶରୁ ଦୁଇକୋଶ ବଙ୍ଗୋପସାଗରରେ ଲୀନ ହୋଇଛି। ଅବଶିଷ୍ଟ ତିନିକୋଶ ରହିଛି। ଏହି ଶଙ୍ଖକ୍ଷେତ୍ରର ମସ୍ତକ ପଶ୍ଚିମରେ 'ଶ୍ରୀ ଲୋକନାଥ', ଅଗ୍ରଭାଗ ପୂର୍ବ ସୀମାରେ 'ଶ୍ରୀବିଲ୍ୱେଶ୍ୱର' ବା 'ବେଲେଶ୍ୱର' ମହାଦେବ, ମଧ୍ୟରେ 'ମାଉସୀମା'। କେନ୍ଦ୍ରରେ ରୋହିଣୀକୁଣ୍ଡ ଓ କଳ୍ପବୃକ୍ଷ। ଶଙ୍ଖର ନାଭିଦେଶ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନସିଂହାସନ। ଶ୍ରୀମନ୍ଦିର ନାଭି ପ୍ରଦେଶରେ ଅବସ୍ଥାନ କରୁଥିବାରୁ ଏହାକୁ ନାଭିମଣ୍ଡଳ ଭାବେ ମଧ୍ୟ ଲୋକେ କହନ୍ତି। ଏଇ କଥା ଭକ୍ତ ସାଲବେଗଙ୍କ ଭଜନରେ ମଧ୍ୟ ଦେଖିବାକୁ ମିଳେ–

''ଥକାମନ ଚାଲ ଯିବା ଚକାନୟନ ଦେଖିବା।
ଶଙ୍ଖ ନାଭି ମଣ୍ଡଳରେ ବେନିନେତ୍ର ପଖାଳିବା।''

**ବୈଜ୍ଞାନିକ ଦୃଷ୍ଟିକୋଣ:** ଶଙ୍ଖ ବଜାଇବା ଦ୍ୱାରା ବାତାବରଣ ଶୁଦ୍ଧ ହୁଏ। ଏହି ଧ୍ୱନି ଲୋକଙ୍କ ମନରେ ସକାରାତ୍ମକ ଭାବନା ସୃଷ୍ଟି କରେ। ଶଙ୍ଖନାଦର ତରଙ୍ଗ ସମଗ୍ର ଶରୀରରେ ସଞ୍ଚାରିତ ହୋଇ ପ୍ରତିଟି ତନ୍ତ୍ରକୁ, ଗ୍ରନ୍ଥିକୁ ସତେଜ କରିଥାଏ। ଏହା ଦ୍ୱାରା ଜ୍ଞାନେନ୍ଦ୍ରିୟ ମଜଭୁତ ହୁଏ। ମସ୍ତିଷ୍କ ବିକୃତି, ସ୍ନାୟବିକ ଦୁର୍ବଳତା ଦୂର ହୁଏ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଏ। ଶଙ୍ଖଧ୍ୱନିରେ ବାୟୁମଣ୍ଡଳରେ ଥିବା ସୂକ୍ଷ୍ମ ଜୀବାଣୁ ନଷ୍ଟ ହୋଇଯାଆନ୍ତି।

## ସ୍ୱାସ୍ଥ୍ୟ ପାଇଁ ଶଙ୍ଖ

ଶଙ୍ଖର ଔଷଧୀୟ ଗୁଣ ସମ୍ପର୍କରେ ଡାକ୍ତର ବାସୁଦେବ ପ୍ରଧାନ କୁହନ୍ତି– ଶଙ୍ଖ, ସୁକ୍ତି ଓ ବରାଟିକା ଏହି ତିନୋଟିକୁ ଆୟୁର୍ବେଦିକରେ ସୁଧାବର୍ଗ କୁହାଯାଏ। ତେବେ ଏଥିମଧ୍ୟରୁ ଶଙ୍ଖ ଅନ୍ୟତମ। ଶଙ୍ଖକୁ ଆୟୁର୍ବେଦିକରେ ଔଷଧୀୟରୂପେ ବ୍ୟବହାର କରାଯାଏ। ଏହାର ବହୁ ଉପକାରୀ ଔଷଧୀୟ ଗୁଣ ରହିଛି। ଶଙ୍ଖକୁ ଭସ୍ମକରି ଔଷଧ ପ୍ରସ୍ତୁତ କରାଯାଏ। ଏଥିରେ ଅସ୍ଥିକୁ ପୋଷଣଦେବାର ସମସ୍ତ ପ୍ରାକୃତିକ ଉତ୍ସ ରହିଛି। ଏଥିରେ କ୍ୟାଲସିୟମ, ଫସ୍‌ଫେଟ, ଫସ୍‌ଫରସ୍ ରହିଛି। ଅସ୍ଥିକ୍ଷୟରେ ଏହାକୁ ପ୍ରୟୋଗ କରାଯାଇଥାଏ। ସେହିପରି ଶଙ୍ଖଭସ୍ମ ଶ୍ରେଷ୍ଠ ଆଲ୍‌କାଲାଇଜର, ଏହା ଶରୀରରୁ ଅମ୍ଳୀୟ ଅଂଶ ଦୂରକରିଥାଏ। ଅମ୍ଳପିତ୍ତ ରୋଗ (ଏସିଡିଟି) ପାଇଁ ଏହା ବିଶେଷ ଲାଭଦାୟକ। ଏଥିରୁ ମହାଶଙ୍ଖବଟି ତିଆରି ହୁଏ। ଏହା ପେଟ ବ୍ୟଥାରୁ ଉପଶମ କରିଥାଏ। ମାତ୍ର ଏହା ପେନ୍‌କିଲର ନୁହେଁ କିନ୍ତୁ ପେଟଯନ୍ତ୍ରଣା ଦୂରକରିଥାଏ। ଏଥିପାଇଁ ଏହାକୁ ଏସିଡିଟି, ପେପ୍‌ଟିକ ଅଲ୍‌ସର, ଡ୍ୟୁରିଅଲ୍‌ସରରେ ପ୍ରୟୋଗ କରାଯାଇଥାଏ; ଯାହା ତୁରନ୍ତ ପେଟଯନ୍ତ୍ରଣା, ପେଟଫମ୍ପା ଆଦି ଦୂର କରିଥାଏ। ଅନ୍ୟପକ୍ଷେ ଶଙ୍ଖଫୁଙ୍କିବା ଦ୍ୱାରା ଛାତିରେ ସମସ୍ୟା ଦୂର ହୋଇଥାଏ। ନିୟମିତି ଶଙ୍ଖଫୁଙ୍କିବା ଦ୍ୱାରା ଛାତିର ଉତ୍ତମ ବ୍ୟାୟାମ ମଧ୍ୟ ହୋଇଥାଏ। ଶଙ୍ଖ ଧ୍ୱନି ଅନେକ ରୋଗରୁ ମୁକ୍ତି ଦିଏ। ଶଙ୍ଖ ନିୟମିତ ବଜାଇଲେ ଶ୍ୱାସରୋଗ ଭଲ ହୁଏ। ଶ୍ୱାସନଳି ଓ ଫୁସ୍‌ଫୁସ୍ ଶକ୍ତିଶାଳୀ ହୁଏ। ପିତ୍ତ, କଫ, ରୁଧିର ବିକାର, ବିଷଦୋଷ, ବାୟୁ, ଶୂଳ, ଅଜୀର୍ଣ୍ଣ ଆଦି ଅନେକ ରୋଗରେ ଉପକାରୀ। ଶଙ୍ଖଭସ୍ମ ଜ୍ୱର, କାଶ, ଶ୍ୱାସ, ଅତିସାର ଆଦି ରୋଗର ଉପଶମ କରିଥାଏ। ଯୋଗକ୍ରିୟାରେ ଏକ କ୍ରିୟାର ନାମ 'ଶଙ୍ଖ ପ୍ରକ୍ଷାଳନ'। ଏହା ଦ୍ୱାରା ଶରୀରର ଅନ୍ତଃଶୋଧନ ହୁଏ। ଫଳତଃ ଅଗ୍ନିମାନ୍ଦ୍ୟ, ବଦହଜମି, ଖଟା ହାକୁଟି, ଗଳା, ଜିହ୍ୱା, ଆଖି ଆଦିର ରୋଗ, ମେଦବୃଦ୍ଧି ଭଳି ଅନେକ ରୋଗ ଭଲ ହୋଇଥାଏ।

ଏକଥା ସତ ଯେ, ଶଙ୍ଖ ଦ୍ୱାରା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ଘଟେ। କାରଣ ସମସ୍ତ ଶୁଭର ପ୍ରତୀକ ଶଙ୍ଖ ।

*ଉପସ୍ଥାପନା–**ବନବିହାରୀ***
*ତଥ୍ୟ ସହାୟତା **–ସ୍ୱାମୀ ନିର୍ମଳାନନ୍ଦ ଗିରି***
*ଗୋ–ବିଜ୍ଞାନ ଓ ଗୋ–ଆଧାରିତ*
*ଜୈବିକ କୃଷି ପ୍ରଶିକ୍ଷକ*
*ମୋ: ୯୦୪୦୧୨୬୩୧୯*

# ଡ୍ୟାନ୍ସ ମୋ ଫିଟ୍‌ନେସ୍‌ର ମନ୍ତ୍ର



**ଶିଶୁ କଳାକାର ଭାବରେ ସେ ଓଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ହେଲେ ୟା' ଭିତରେ ସେ ବେଶ୍ କେତୋଟି ସିନେମାରେ ଲିଡ୍ ଆକ୍ଟ୍ରେସ୍ ଭାବରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିବା ଅଭିନେତ୍ରୀ ହେଲେ ଭୂମିକା ଦାଶ...**





*** ସିନେମାକୁ କେବେ ଆସିଲେ ?**

ଫିଲ ଲାଇନ୍‌କୁ ମୁଁ ୨୦୧୩ କିମ୍ବା ୨୦୧୪ରେ ଆସିଲି। ମୋର ପ୍ରଥମ ଫିଲ୍ମ ଥିଲା ତାପସ ସରଘରିଆଙ୍କ ନିର୍ଦ୍ଦେଶିତ 'ରୁମ୍‌କୁ ଝୁମାନା'।

*** ଫିଲ୍ମ ସାଇନ୍ କିପରି କରନ୍ତି ?**

ଫିଲ୍ମ ସାଇନ୍ କରିବା ପୂର୍ବରୁ କେତେଟା ଫ୍ୟାକ୍ଟକୁ ଦେଖିବାକୁ ପଡିଥାଏ। ତାହା ହେଲା କଣ୍ଟେଣ୍ଟ ଆଣ୍ଡ ସବ୍‌ଜେକ୍ଟ। ତା'ସହ ଭଲ ବ୍ୟାନର, ପ୍ରଡକ୍ସନ୍ ଟିମ୍ ନିହାତି ରହିବା ଦରକାର। ଏଥିସହିତ ଭଲ ଡାଇରେକ୍ଟର ହୁଅନ୍ତୁ କି ଭଲ ଟିମ୍ ହେଲେ ଯାଇ ଆମ ସିନେମାର ଆଉଟ୍ ପୁଟ୍ ଭଲ ଆସିବ। ମୋ ହିସାବରେ ତ ଭଲ ଟିମ୍‌ଟା ବାଛିବା ବହୁତ୍ ଇମ୍ପୋଟାଣ୍ଟ।

*** ଆପଣ ଶିଶୁ କଳାକାର ରୂପେ ଅଭିନୟ କରିଥିଲେ କି ?**

ମୁଁ ଶିଶୁ କଳାକାର ରୂପେ ଅଭିନୟ କରିଛି। ଗୋଟିଏ ନୁହେଁ ତିନୋଟି ଫିଲ୍ମରେ। ସେଥି ମଧ୍ୟରେ ରହିଛି 'ରୁମ୍‌କୁ ଝୁମାନା', 'ପାରିବେନି କେହି ଅଲଗା କରି' ଓ 'ଗପ ହେଲେ ବି ସତ'।

*** ଡ୍ରିମ୍ ରୋଲ୍ କ'ଣ ରହିଛି ?**

ଡ୍ରିମ୍ ରୋଲ୍ କ'ଣ ହେବ ସେମିତି କିଛି ପ୍ଲାନ କରିନି। ମୁଁ ଲିଡ୍ ଆକ୍ଟ୍ରେସ୍ ଭାବରେ ୫ ପାଞ୍ଚବର୍ଷ ମଧ୍ୟରେ ଗୋଟିଏ ଇନୋସେଣ୍ଟ ଗର୍ଲର ରୋଲ କରିଛି । 'ଦେବଦାସ' ଚଳଚ୍ଚିତ୍ରରେ 'ପାରୋ' ଭୂମିକାରେ ଟ୍ରାଡିଶନାଲ ଲୁକ୍‌ରେ ଅଭିନୟ କରିଛି। ମୋର ରିଲିଜ୍ ଅପେକ୍ଷାରେ ଥିବା ଚଳଚ୍ଚିତ୍ର 'ମାୟାବୀ'ରେ ଗୋଟିଏ ଲେଡି ଇନ୍ସପେକ୍ଟରର କ୍ୟାରେକ୍ଟର ପ୍ଲେ କରିଛି। 'ଚନ୍ଦ୍ରମା' ହରର ଫିଲ୍ମରେ ହଣ୍ଟେଡ ସ୍ପିରିଟ୍‌ରେ ଅଭିନୟ କରିସାରିଛି। ଆଗକୁ ଯଦି କିଛି ନୂଆ ରୋଲ ମିଳେ ନିଶ୍ଚିତ ରୂପେ କରିବି।

*** ଫିଟ୍‌ନେସ୍ ବିଷୟରେ କିଛି କହିବେ...**

ମୁଁ ଡାଏଟ୍‌ସିଆନ୍‌ଙ୍କ ଅନୁସାରେ ହିଁ ଖାଇବା ପିଇବା କରିଥାଏ। ଫିଟ୍‌ନେସ୍ ପାଇଁ ମୁଁ ବେଶି କିଛି ଟାଇମ୍ ଦେଇପାରେନି। କାରଣ ମୋର ପାଠପଢ଼ା ଓ ବ୍ୟସ୍ତ ସିଡ୍ୟୁଲ୍ ଭିତରେ ଏସବୁକୁ ମୁଁ ସମୟ ଦେଇପାରେନି। ଯେହେତୁ ମୁଁ ଜଣେ ଡ୍ୟାନ୍ସର, ଡ୍ୟାନ୍ସ ମୋ ଫିଟ୍‌ନେସ୍‌ର ମନ୍ତ୍ର। ମନରୁ ଇଚ୍ଛା ବି ହୁଏନି କିଛି କରିବା ଲାଗି।



*** ବିଉଟି ସିକ୍ରେଟ୍ କ'ଣ ରହିଛି...**

ମୁଁ ଯେହେତୁ ଜଣେ ଆକ୍ଟ୍ରେସ ସେଥିଲାଗି ଆମେ ବାହାରେ ବେଶି ଏକ୍ସପୋଜ୍ ହୋଇଥାଉ। ମୋ ମତରେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ସହ ଜଣେ ପ୍ରଚୁର ପାଣି ପିଇବା ଦରକାର । ଯାହା ତ୍ୱଚାକୁ ଗ୍ଲୋ କରିବାରେ ସାହାଯ୍ୟ କରିଥାଏ। ମୁଁ ହୋମ୍‌ମେଡ୍ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରିବାକୁ ଅଧିକ ପସନ୍ଦ କରେ।

*** ଡ୍ରିମ୍ ଲାଇଫ୍ ପାର୍ଟନର..**

ଏବେ ତ ଡ୍ରିମ୍ ପାର୍ଟନର ବିଷୟରେ କିଛି ଭାବିନି। ଯଦି ଭାବିବାକୁ କୁହାଯାଏ ତା'ହେଲେ ଏତିକି ଯେ, ସେ ମୋତେ ଏବଂ ମୋ ପ୍ରଫେସନକୁ ବୁଝି ପାରୁଥିବ। ମୋତେ ଓ ମୋ ପ୍ରୋଫେସନ୍‌କୁ ରେସପେକ୍ଟ ଦେଉଥିବ। ଯଦି ଦୁଇଜଣଙ୍କ ମଧ୍ୟରେ ଅଣ୍ଡରଷ୍ଟାଣ୍ଡିଙ୍ଗ ଭଲ ରହିଲା ବାକି ସବୁ ଭଲ ହିଁ ଭଲ ହେବ।

*** ଫ୍ରି ଟାଇମ୍‌ରେ କ'ଣ କରନ୍ତି ?**

କଲେଜ୍‌ରୁ ଆସିଲା ପରେ ମାଇଣ୍ଡ ଟିକେ ଫ୍ରି କରିବାକୁ ଚାହେଁ। ଆଜିକାଲି ତ ଟିଭି ଦେଖିବାକୁ ଇଚ୍ଛା ହେଉନି। କେବେ କେବେ ଇଚ୍ଛା ହେଲେ ପେଣ୍ଟିଂ କରେ। ମୁଡ୍‌କୁ ଭଲ ରଖିବାକୁ ଚେଷ୍ଟା କରେ ଓ ବ୍ୟାଡ୍‌ମିଣ୍ଟନ୍ ଖେଳେ।

*** କ'ଣ ହେବାକୁ ଚାହୁଁଥିଲେ...**

ସେମିତି କିଛି ପ୍ଲାନିଂ ନ ଥିଲା ଯେ ଏମିତି କରିବି, ଏୟା ହେବି। କିନ୍ତୁ ଯାହା ବି କରିବି ଭଲ ଏବଂ ଭଲ ମଣିଷଟିଏ ହେବାକୁ ସବୁବେଳେ ଚାହେଁ। ଏମିତି ବି ପ୍ଲାନିଂ ନ ଥିଲା ଯେ, ମୁଁ ଅଭିନୟ କରିବି। ଯେମିତି କୁହନ୍ତି କି କର୍ମ କରିଚାଲ, ଆଗକୁ ଭାଗ୍ୟରେ ଯାହା ଥିବ। ଲକ୍ଷ୍ୟସ୍ଥଳ ଭଗବାନ୍ ତିଆରି କରନ୍ତି। ମୁଁ ସେହି ନ୍ୟାୟରେ ଯାହା ସୁଯୋଗ ଆସିଛି ସେହି ଅନୁସାରେ କାମ କରିଚାଲିଛି।

*** ଅବସୋସ କ'ଣ ଅଛି ?**

ସେମିତି କିଛି ଅବସୋସ୍। ନାହିଁ। ଯଦି କିଛି ଭୁଲ୍ ହୋଇଥାଏ ତାକୁ ସୁଧାରି ନେବି ବୋଲି ଭାବେ। କୌଣସି କଥାକୁ ନେଇ ବ୍ୟତିବ୍ୟସ୍ତ ହୋଇପଡେନା।

*–ମହାଶ୍ୱେତା ନାୟକ*



# ସେବା ଓ ସର୍ଜନର ଜନନୀ : ସରୋଜିନୀ







ଲୋକେ ତାଙ୍କୁ ଏହି ସମୟର କୁନ୍ତଳା କୁମାରୀ କୁହନ୍ତି। ପରିବାରରୁ ଆରମ୍ଭ କରି ସମାଜର ବିଭିନ୍ନ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରି ଆମ ସମସ୍ତଙ୍କ ପାଇଁ ଉଦାହରଣ ସାଜନ୍ତି ସେ। ତାଙ୍କ ଚିକିତ୍ସାଳୟର ଅଗଣାରେ ଅସଂଖ୍ୟ ଫୁଲ-କଅଁଳ ଶିଶୁର। ସେ କବିତା ଲେଖନ୍ତି ଅଜସ୍ର- ପ୍ରତ୍ୟୟ ଓ ରହସ୍ୟ ଭିତରେ ସନ୍ତୁଳନ ରଖି, ଆବେଗ ଓ ଅଧ୍ୟାତ୍ମରେ ଶବ୍ଦକୁ ତନ୍ମୟ କରିପାରନ୍ତି , ଜୀବନର ଅସହାୟତା କଥା କହୁ କହୁ ମଣିଷ ପ୍ରତି ଆସ୍ଥା ଓ ଉପଲବ୍ଧିର କୋମଳତାକୁ ଦର୍ଶେଇ ପାରନ୍ତି, ତାଙ୍କ କାର୍ଯ୍ୟଧାରାରେ ସେ ଦେଖେଇଛନ୍ତି କଳା ଓ ବିଜ୍ଞାନର ସମନ୍ୱୟ, ଗଣମାଧ୍ୟମରେ ସକ୍ରିୟ ଥାଆନ୍ତି, ଜଗନ୍ନାଥୀୟ ଚେତନାରେ ଆପ୍ଳୁତ ହୋଇ ୧୫/୧୬ ବର୍ଷ ହେବ ରଥଯାତ୍ରା ଧାରା ବିବରଣୀ ପାଇଁ ଲୋକପ୍ରିୟ ଲଳିତ ଭାଷ୍ୟକାର ସାଜିପାରନ୍ତି... ସେ ଆଉ କେହି ନୁହଁନ୍ତି ବହୁବିଧ ପ୍ରତିଭାର ମୂର୍ତ୍ତିମନ୍ତ ଅଧିକାରିଣୀ- କବି ଡାକ୍ତର ସରୋଜିନୀ ଷଡଙ୍ଗୀ। ପଶ୍ଚିମ ଓଡିଶାର ସାହିତ୍ୟିକ, ଶିକ୍ଷାବିତ, ସଂସ୍କାରକ ବୈରାଗୀ ମିଶ୍ରଙ୍କ ନାତୁଣୀ ସରୋଜିନୀ ପିତା ଜୀବାନନ୍ଦ ଆଚାର୍ଯ୍ୟ ଓ ମାତା ପଦ୍ମାବତୀ ଆଚାର୍ଯ୍ୟଙ୍କ କୋଳମଣ୍ଡନ କରିଥିଲେ ସୁନ୍ଦରଗଡ଼ ମାତୁଳାଳୟରେ ମାର୍ଚ୍ଚ ୩ରେ। ଉଭୟ ପିତା ଓ ମାତା ସାହିତ୍ୟରେ ରୁଚି ରଖିଥିଲେ ତେଣୁ ବାଲ୍ୟକାଳୁ ସାହିତ୍ୟର ପାଣିପବନରେ ସେ ବଢିଥିଲେ ଓ ଗଢି ହୋଇଥିଲେ। ସରୋଜିନୀ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରୁ ଏମ୍‌ବିବିଏସ୍ ସାରି ଚଣ୍ଡୀଗଡ଼ରେ ଏମ.ଡି କରି ସ୍ତ୍ରୀରୋଗ ଓ ପ୍ରସବତତ୍ତ୍ୱରେ ସ୍ନାତକୋତର ଉପାଧି ଲାଭ କରିଥିଲେ। ଅଲ୍ଟ୍ରାସାଉଣ୍ଡ, କଲପୋସ୍କୋପିରେ ଡୁନେଡିନ୍ ହସ୍ପିଟାଲ, ନିଉଜିଲାଣ୍ଡରୁ ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ସରୋଜିନୀ ସ୍ନାତକୋତ୍ତର ପରେ ଏସ୍‌ସିବି ମେଡ଼ିକାଲ କଲେଜରେ ଦୀର୍ଘ ପଚିଶ ବର୍ଷ ଧରି ଅଧ୍ୟାପନା କରି ତାଙ୍କ କାର୍ଯ୍ୟଦକ୍ଷତା ପ୍ରତିପାଦନ କରିଥିଲେ। ସେବା ଓ ସର୍ଜନ କ୍ଷେତ୍ରରେ ତାଙ୍କ ସହ ଦମ୍ଭ ହୋଇ, ପ୍ରେରଣା ହୋଇ, ଶକ୍ତି ଏବଂ ସମ୍ବେଦନା ହୋଇ ଠିଆ ହୋଇଛନ୍ତି ବିଶିଷ୍ଟ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡାକ୍ତର ରମାରମଣ ଷଡ଼ଙ୍ଗୀ। ସେବା ହେଉ କି ସାହିତ୍ୟ ସରୋଜିନୀଙ୍କ ସ୍ୱପ୍ନକୁ ସାକାର କରି ସଫଳତାର ଆକାଶ ଆଡ଼କୁ ବାଟ କଢେଇ ନେଇ ଚାଲିଛନ୍ତି ସେ। ସୂର୍ଯ୍ୟସ୍ନାନ, ଆଖି କଥାକହେ, ଶ୍ୱେତମ୍ବରା, ଆତ୍ମଜା, ଅସବର୍ଣ୍ଣା, ମନସ୍ୱିନୀ, ତନ୍ମୟ ତଥାସ୍ତୁ, ମାଆ ନୁହେଁ ପତିତା, ଶବ୍ଦର ବର୍ଷା, ନିରାପଦ ମାତୃତ୍ୱ, ସୁରକ୍ଷିତ ମାତୃତ୍ୱ, ଆମେ ଗଢିବାରେ ନୂଆ ସଂସାର, ତୁମ ଆଖି ମୋ କାନ, ବର୍ଣ୍ଣମାଳାର ସୋପାନରେ କିଶୋରୀ କନ୍ୟା, ଗର୍ଭବତୀ ନାନୀର ଯତ୍ନ ଆଧୁନିକ ଓଡ଼ିଆ କବିତାର ଉତ୍ତରଣ ପର୍ବରେ କବି ସରୋଜିନୀଙ୍କ କବିତା ଏକ ପରିଚ୍ଛନ୍ନ ପରିଚିତି କହିଲେ ଅତ୍ୟୁକ୍ତି ହେବ ନାହିଁ। କରୁଣା ଓ କୋମଳତାକୁ ନେଇ ଆତ୍ମପ୍ରକାଶ କରୁଥିବା ତାଙ୍କର କବିତା ପାଇଁ ସେ ବିଷୁବ ମିଳନ ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ, ଗଙ୍ଗାଧର ରଥ ଫାଉଣ୍ଡେସନ ତରଫରୁ କବିତା ପାଇଁ କବି ଭାନୁଜୀ ରାଓ ସମ୍ମାନ, ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ବରିଷ୍ଠ ସାହିତ୍ୟ ସମ୍ମାନ, ଓଡ଼ିଶା ଲେଖିକା ସଂସଦ, ସୁଚରିତା, ଯୁଗଶ୍ରୀ ଯୁଗନାରୀ ଭଳି ଅନେକ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କର ଦୁଇଟି କବିତା ଏନ୍‌ବିଟି ଦ୍ୱାରା ମନୋନୀତ ହୋଇ ଚଉଦଟି ଭାରତୀୟ ଭାଷାରେ ଅନୁବାଦିତ ହୋଇଛି। ତାଙ୍କ କବିତା ଭାରତୀୟ ଜ୍ଞାନପୀଠ କବିତା ସଙ୍କଳନରେ ସ୍ଥାନିତ ହୋଇଛି । କେବଳ ସେତିକି ନୁହେଁ ସ୍ୱାସ୍ଥ୍ୟ ଓ ସମାଜସେବା ପାଇଁ କାଦମ୍ବିନୀ, ମନୋରମାସ୍, ଓଡିଶା ପ୍ରଦେଶ ମହିଳା କଂଗ୍ରେସ, ଏଭରଗ୍ରୀନ ଫୋରମ, କଟକ ସୁରକ୍ଷା କମିଟି , ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ପରିଷଦ, ବିଜ୍ଞାନ ପ୍ରଚାର ସମିତି ଭଳି ପ୍ରସିଦ୍ଧ ସଂସ୍ଥା ତରଫରୁ ଡାକ୍ତର ଷଡ଼ଙ୍ଗୀଙ୍କୁ ବିପୁଳ ଆଦର ଓ ସମ୍ମାନ ମିଳିଛି। ମଦର ଟେରେସା ସମ୍ମାନ, ଡଃ ନଗେନ୍ଦ୍ରନାଥ ନାୟକ ସ୍ମୃତି ସମ୍ମାନ ଆଦି ବିଶିଷ୍ଟ ସମ୍ମାନପ୍ରାପ୍ତ ଡାକ୍ତର ଷଡ଼ଙ୍ଗୀଙ୍କ ସ୍ୱାସ୍ଥ୍ୟଭିତ୍ତିକ ପ୍ରବନ୍ଧ ଓ ଆଲୋଚନାମାନ ପତ୍ରପତ୍ରିକା, ରେଡ଼ିଓ ଓ ଦୂରଦର୍ଶନରେ ପ୍ରଚାରିତ ଓ ପ୍ରସାରିତ ହୋଇ ଜନସଚେତନତାରେ ସହାୟକ ହେଉଛି।

ତାଙ୍କ କବିତା 'ମା ନୁହେଁ ପତିତା' ଆଧାରରେ ନିର୍ମିତ ବୃତ୍ତଚିତ୍ର ଦଶମ ଦାଦା ସାହେବ ଫାଲକେ ଚଳଚିତ୍ର ମହୋତ୍ସବରେ ୫୯୦ଟି ଅଂଶଗ୍ରହଣକାରୀ ଚଳଚ୍ଚିତ୍ରମାନଙ୍କୁ ପଛରେ ପକେଇ ଶ୍ରେଷ୍ଠ ବିବେଚିତ ହୋଇଥିଲା। ପୂର୍ବରୁ ଚଳଚ୍ଚିତ୍ରଟି ଆନ୍ତର୍ଜାତୀୟ ଚଳଚିତ୍ର ଉତ୍ସବ ମୁମ୍ବାଇ ଓ ହାଇଦ୍ରାବାଦ ଚଳଚିତ୍ର ଉତ୍ସବରେ ପୁରସ୍କୃତ ହେବା ସହ କ୍ଷୁଦ୍ର ସାମାଜିକ ଚଳଚ୍ଚିତ୍ର ଭାବରେ ସ୍ୱୀକୃତି ଲାଭ କରିସାରିଥିଲା। ୪୪ତମ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ ହାସଲ କରିଥିବା ଡାକ୍ତର ସରୋଜିନୀ ସର୍ବଭାରତୀୟ ସ୍ତରରେ କନ୍ୟାଭ୍ରୁଣ ହତ୍ୟାକୁ ନେଇ ଚାଲିଥିବା ଆନ୍ଦୋଳନରେ ଜଣେ ଆଗଧାଡ଼ିର ପୁରୋଧା। ତାଙ୍କ କବିତା 'ଆତ୍ମଜା' ଯାହା ଏକ ବୃହତ୍ତର ଚେତନାର ସ୍ୱରକୁ ବହନ କରେ ବୋଲି ପାଠକେ ବିଶ୍ୱାସ କରନ୍ତି, ତାକୁ ନେଇ ନିର୍ମିତ ବୃତ୍ତଚିତ୍ର ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସମ୍ମାନ ଓ ସ୍ୱୀକୃତି ହାସଲ କରିଥିଲା। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଏହି ପ୍ରାମାଣିକ ଚିତ୍ର ୨୩ଟି ଆଞ୍ଚଳିକ ଭାଷାରେ ପ୍ରଦର୍ଶିତ ହୋଇ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ଆଇନ ପ୍ରାଧୀକାରଣ ବିଭାଗ ତରଫରୁ ଓଡ଼ିଶାର ସବୁ ଜିଲାରେ କେବଳ ପ୍ରଦର୍ଶିତ ଓ ପ୍ରସାରିତ ନୁହେଁ ଅଧିକନ୍ତୁ କନ୍ୟାଭ୍ରୁଣ ହତ୍ୟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରେ। ଉଭୟ ଶକ୍ତି ଓ ସମ୍ବେଦନାକୁ ଏକକାଳୀନ ଧାରଣ କରି ନିଜର ଚାରିପାଖର ଜୀବନକୁ ମଧୁମୟ କରୁଥିବା ଏହି ବ୍ୟକ୍ତିତ୍ୱଙ୍କ ସ୍ୱପ୍ନ ଓ ସମ୍ଭାବନା ବେଶ୍ ସୁଦୂରପ୍ରସାରୀ।

**-ମାନମୟୀ ରଥ**
ଅଧ୍ୟକ୍ଷା, ସେଣ୍ଟ ଜାଭିୟର କିଡ୍ସ
ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯












# ସ୍ୱପ୍ନ ବେପଥୁ

**-ଲକ୍ଷ୍ମଣ କୁମାର**

ଅନେକ ବ୍ୟବଧାନରେ ତା' ସହ ମୋର ଦେଖାହୁଏ। କେବେ କେମିତି। ସେ ଗୋଟେ ଚମତ୍କାର ଝିଅ। କନିଅର ଫୁଲ ପରି। ବେଳେବେଳେ ସେ ସବୁଜ ରଙ୍ଗର ଡ୍ରେସ୍ ପିନ୍ଧେ ଓ ସବୁଜ ଡ୍ରେସ୍ ତାକୁ ଭାରି ମାନେ। ସମ୍ଭବତଃ ଏ କଥା ସେ ଜାଣେନି। ସବୁଜ ରଙ୍ଗର ଡ୍ରେସ୍ ପିନ୍ଧିଲେ ସେ ଗୋଟାପଣେ କନିଅର ଗଛ ପରି ଲାଗେ- ସବୁଜ ଛନ ଛନ ଓ ମୁହଁଟି କନିଅର ଫୁଲ ପରି ଫୁଟି ଉଠିଥାଏ।

ମୁଁ କେବେ କେବେ ତା'ଘରକୁ ଯାଏ। ବସିଥାଏ ସୋଫାରେ। ଗୋଟେ ମନଲୋଭା ସ୍ମିତ ହସର ତରଙ୍ଗ ଚହଟି ଉଠୁଥାଏ ତା' ଗୋଲାପି ଓଠରେ। ଆଖି ଦୁଇଟି ତା'ର ଗଭୀର ନୀଳ ସାଗର- ମୁଁ କେଉଁଠି ହଜିଯାଏ ସେ ଆଖିର ସାଗର ଭିତରେ ଓ ଖୋଜୁଥାଏ ତା' ହୃଦୟର ସ୍ୱପ୍ନ-ଶାମୁକା ସବୁ।

ସେ ଆସେ। ସନ୍ତର୍ପଣରେ ଓ ଛିଡ଼ା ହୁଏ ମୋ' ସାମ୍ନାରେ। ତା' ଦୁଇ ହାତର ଚମ୍ପାକଢ଼ି ଅଙ୍ଗୁଳିମାନଙ୍କୁ ଯୋଡ଼ି ସେ ନମସ୍କାର କରେ ଓ ସ୍ମିତ ହସର ସହ ଫେରିଯାଏ ମୋ ସାମ୍ନାରୁ। ତା'ର ଗହନ ଘୂର୍ଣ୍ଣିକୁନ୍ତଳ ଖୁବ୍ ଆକର୍ଷଣୀୟ। ତା'ର ସୁବର୍ଣ୍ଣ ପ୍ରତିମାକୁ ତାହା ଖୁବ୍ ମାନେ। ଅଳ୍ପ ସମୟ ପରେ ସେ ହାତରେ ଚାହା କପ୍ ଧରି ଆସେ।

ଏଇ କିଛିଦିନ ତଳେ ମୁଁ ତା' ସହରକୁ ଯାଇଥିଲି। ଯାଇଥିଲି ତା' ଘରକୁ। ସବୁଥର ପରି ଏଥର ବି ସେ ଆସିଲା ଅଳସି ମୁଦ୍ରାରେ। ମୁଁ ଜାଣେ ଯେ ତା'ର ପ୍ରତିଟି ପଦପାତରେ ପଦ୍ମ ଫୁଟେ। ସେ ଆସିଲା ହସି ହସି ଓ ମୋତେ ନମସ୍କାର କଲା।

ମୁଁ ସେମିତି ବସିଥାଏ ସୋଫା ଉପରେ। ବାହାରେ ପ୍ରଚୁର ଖରା। ଜର୍ଣ୍ଣି ଯୋଗୁ କିଛିଟା କ୍ଲାନ୍ତ ଲାଗୁଥାଏ। କିଛି ସମୟ ପରେ ହାତରେ ଚାହା କପ୍ ନେଇ ସେ ଆସିଲା। ମୁଁ କିନ୍ତୁ ଚାହା ପିଇବା ଆଗରୁ ଗୋଟେ ଗ୍ଲାସ ପାଣି ପିଏ।

ସେ ମୋ ମନକଥା ବୁଝିପାରିଲା କି କଅଣ ଫେରି ଯାଉଯାଉ ଟିକେ ଅଟକିଗଲା ଓ ବୁଲିପଡ଼ି ପଚାରିଲା- ପାଣି ପିଇବ ? ମୁଁ କହିଲି- ହଁ। ତା' ପରେ ସେ ଗୋଟେ ପରିଷ୍କାର କାଚ ଗ୍ଲାସରେ ଗୋଟେ ଗ୍ଲାସ ପାଣି ନେଇ ଆସିଲା ମୋ' ପାଇଁ। ତା' ହାତ ପାପୁଲିରେ ମେହେନ୍ଦୀର ବର୍ଣ୍ଣାଳି। ସେ ପାଣି ଗ୍ଲାସଟି ମୋ' ହାତକୁ ବଢ଼ାଇଦେଲାବେଳେ ମୋ' ଅଜାଣତରେ ମୋ' ହାତର ଅଙ୍ଗୁଳିଗୁଡ଼ିକ ତା'ର ହାତର ଚମ୍ପାକଢ଼ି ଅଙ୍ଗଳିମାନଙ୍କୁ ଛୁଇଁଲେ।

ସମ୍ଭବତଃ ଆମ ଦୁହିଁଙ୍କ ଅଜାଣତରେ ଏହା ଘଟିଗଲା। ତା' ଅଙ୍ଗୁଳି ଓ ମୋ ଅଙ୍ଗୁଳି ପରସ୍ପରକୁ ଛୁଇଁଲେ ମାତ୍ର କେତୋଟି ସେକେଣ୍ଡ। ଅର୍ଥାତ୍ ଏହା ହିଁ ହେଲା ଯେ ଆମେ ଦୁହେଁ ପରସ୍ପରକୁ ଛୁଇଁଲୁ ଅତି ସୂକ୍ଷ୍ମରୀତିରେ କେତୋଟି ମୁହୂର୍ତ୍ତ।

ସେଦିନ ଲଞ୍ଚ ଆୱାରରେ ସେ ମୋ' ପାଇଁ ରୋଷେଇ କରିଥିଲା ଅତି ଯତ୍ନର ସହ। ଭାତ ସହ ଡାଲି, ସଜନା ଶାଗ, କାଙ୍କଡ଼ ଭଜା, ବଡ଼ିଚୁରା ଓ ଆମ୍ବ ଖଟା। ମୋତେ ଭୋକ ହେଉ ନ ଥିଲା। ଭାତର ପରିମାଣ ବେଶି ଥିଲା ପରି ମୋର ମନେହେଲା। ମୁଁ ଭାତ କିଛି କମ୍ କରିଦେବାକୁ କହିଲି। ସେ ଗୋଟେ ପ୍ଲେଟ ଆଣି ଦି' ତିନିଚାମଚ ଭାତ କମ୍ କଲା। ମୁଁ କହିଲି- ପୂରା ଅଧା କରିଦିଅ। ମାତ୍ର ସେ ଅଳ୍ପ ଟିକେ ଭାତ କମ୍ କରି କହିଲା- କମ୍ ଭାତ ଅଛି ଏବେ। ବାସ୍ତବରେ ସେ ମୋତେ ଅଧିକ ଖୁଆଇବାକୁ ଚାହୁଁଥିଲା।

ସେ ମୋର ଚାକିରି ବାକିରି ନେଇ ଅନେକ କଥା ପଚାରେ। ତା' ମାଆ ବି ଆମ ଘର କଥା ପଚାରନ୍ତି ଟିକିନିଖି। ସେଦିନ ଆସିଲାବେଳେ ସେ ତା' ଘରର ଗେଟ୍ ପାଖକୁ ଆସିଥିଲା। ମୋର କହିବାକୁ ଇଚ୍ଛା ହେଉଥିଲା- ଖାଲି ଏଇ ଗେଟ୍ ପର୍ଯ୍ୟନ୍ତ ତୁମେ ଆସୁଛ। ଆମ ଘରକୁ କେବେ ଆସିବ ? ମାତ୍ର ଏମିତି ଦୁଃସାହସିକ ଶବ୍ଦ ମୁଁ ଉଚ୍ଚାରଣ କରିପାରି ନ ଥିଲି।

ତାକୁ ଚାହିଁଲି। ତା' ଓଠରେ ଥିଲା ମଧୁର ସ୍ମିତ ରେଖାଟିଏ। ଆଖିରେ ଥିଲା ସୀମାହୀନ ଦୃଷ୍ଟି। ମନେ ମନେ ପ୍ରଶ୍ନ କଲି- ସିଏ ବି କ'ଣ ମୋ' ପରି ସ୍ୱପ୍ନ ଦେଖେ ?

*-'ଦିଗ୍‌ବଳୟ' ବଲଣ୍ଡା, ବରପାଲି, ବରଗଡ଼*

*ମୋ: ୯୪୩୯୦୪୦୯୩୭*

## ଚାଲ୍ ସବୁକିଛି ଭୁଲିଯିବା

**-ଜଗମୋହନ ମହାରଣା**

ତୁ ଭୁଲିଯିବୁ ମତେ, ଆଉ ମୁଁ ତତେ।
କୋଉଠି ଦେଖା ହୋଇଥିଲେ,
କେମିତି ଆପଣାର ହୋଇପଡ଼ିଥିଲେ, ଦୁହେଁ ଦୁହିଁଙ୍କୁ କେବେଠୁ
ଝୁରିହେଲେ
ସବୁ କିଛି ଭୁଲିଯିବା...

ମୋ ହୃଦୟରେ ସାଇତି ଥିବା ତୋ ପ୍ରେମ, ଆଉ ତୋ ହୃଦୟରେ
ସଜେଇ ରଖିଥିବା ମୋ ମନ...
ସବୁକୁ ଚାଲ୍ ହଜେଇ ଦେବା ଆଜିଠୁ...
ଦୁଃଖ ଦେଉଥିବା ସ୍ମୃତି ସବୁକୁ ଚାଲ୍ ବିସର୍ଜନ କରିଦେବା ଆମ
ଆଖି ଲୁହରେ...
ଆଗକୁ ଆଉ ତୁ ଚିହ୍ନିବୁନି ମତେ,
ମୁଁ ଚିହ୍ନିବିନି ତତେ
ତୋ ବାଟ ମୋ ପାଇଁ
ଅଚିହ୍ନା,ଆଉ ମୋ ବାଟ ତୋ ପାଇଁ...

ତୁ ପୁଣି ଥରେ ତୋ ପ୍ରେମର ନୂଆ ଦେଉଳଟିଏ ତୋଳିବୁ...
ନୂଆ କି ତୋ ପ୍ରେମର ଦଧିନଉତି ସଳଖିବୁ
ତୋ ପ୍ରେମ ଦେଉଳରେ ସ୍ୱପ୍ନର ରଙ୍ଗବୋଳିବୁ, ଦୀପ ଜାଳିବୁ...
ତୋ ଦେବତା ପାଇଁ ଭୋଗ ବାଢ଼ିବୁ...

ମୁଁ ଧରିନେବି ତୋର ଏତେ ସବୁ ଆୟୋଜନ ମରିଯାଇଥିବା ମୋ
ମନଟିର କବର ସ୍ଥାନ...
ଚାଲ୍ ଆଜିଠାରୁ ସବୁକିଛି ଭୁଲିଯିବା...

*-ପ୍ରେମବଣ, ଗଞ୍ଜେଇଡିହ, ଢେଙ୍କାନାଳ*

*ମୋ: ୯୫୮୩୨୯୦୫୭୦*

## ଚାରୋଟି ଏକପଦୀ

**-ଭରତ ଚନ୍ଦ୍ର ଦାଶ**

**ଏକ**

ତୃପ୍ତ ପ୍ରୀତି ଆଶା ଅଧରର ଭାଷା
ପଢି ମୁଁ ପାରୁଛି ସହି
ଅକୁହା ଭାବକୁ ବ୍ୟକ୍ତ କର ତୁମେ
ପ୍ରଣୟ ବନ୍ଧନେ ରହି।

**ଦୁଇ**

ଅଯାଚିତ ପ୍ରାଣେ ପୂର୍ଣ୍ଣ ସମର୍ପଣେ
ତନୁ ଅରପିଛ ମୋତେ
ଦେହ ଦେଉଳରେ ରଚିଅଛ କୀର୍ତ୍ତି
ପ୍ରୀତି ଅନୁଭବ ଚିତ୍ତେ।

**ତିନି**

ପ୍ରୀତି ଅନୁଭବ ଅମିୟ ପ୍ରଭାବ
ହୃଦୟେ ଜାହ୍ନବୀ ସ୍ରୋତ
ପ୍ରଣୟିନୀ ଭାବ ଦିବ୍ୟ ଅନୁଭବ
ରଚେ ମିଳନର ଗୀତ ।

**ଚାରି**

ପ୍ରୀତିର ପରଶ ଦୂର କରେ ତ୍ରାସ
ତନୁ ଲତା ପ୍ରୀତି ସୁଖ
ଅନାସକ୍ତ ପ୍ରୀତି ବାଣ୍ଟେ ସୁଖ ଶାନ୍ତି
ହରେ ଜୀବନର ଦୁଃଖ।

*-ମାର୍କେଣା, ବାଲେଶ୍ୱର*

*ମୋ: ୯୪୩୭୩୭୨୧୬୬*



# ଖୋଜୁଛନ୍ତି ସୋନାକ୍ଷୀ

**ସୋ**ନାକ୍ଷୀ ସିହ୍ନା ଏବେ ଏକ ନୂଆ ମିଶନ ଆରମ୍ଭ କରିଛନ୍ତି। ତାହା କ'ଣ ପାଇଁ ଜାଣନ୍ତି ? ଏକମ ଦମଦାର ନାରୀ ଚରିତ୍ର ସନ୍ଧାନରେ ଅଛନ୍ତି ସେ। କେବଳ ସେତିକି ନୁହେଁ, ଏହି ରୋଲ୍ ସହ କାହାଣୀ ମଧ୍ୟ ସେମିତି ମନଛୁଆଁ ହେବା ଦରକାର। ତେଣୁ ଉଭୟ ରୋଲ୍ ଏବଂ କାହାଣୀ ସନ୍ଧାନରେ ଅଛନ୍ତି ଏହି ଦବଙ୍ଗ ଗର୍ଲ। ପୁଣି କାହାଣୀଟି ଜଣେ ନାରୀର ସଂଘର୍ଷମୟ ଜୀବନ ଉପରେ ହେବା ଦରକାର। ଏଭଳି ମିଶନ ବିଷୟରେ ସୋନାକ୍ଷୀ କହନ୍ତି, 'ଜଣେ ନାରୀର ସଂଘର୍ଷମୟ ଜୀବନକୁ ନେଇ ଆଧାରିତ କାହାଣୀଟିଏ ଖୋଜୁଛି। ମୋ ମତରେ ଏଭଳି କାହାଣୀକୁ ଆଧାର କରି ନିର୍ମିତ ଫିଲ୍ମରେ ଆକ୍ଟିଂ କରିବାର ମଜା ସତରେ ନିଆରା। ଅବଶ୍ୟ ୟା ଭିତରେ ମୁଁ ସେପରି କେତୋଟି ସିନେମାରେ ଆକ୍ଟିଂ କରିସାରିଛି। ସେହି ଫିଲ୍ମଗୁଡିକୁ ଦର୍ଶକ ପ୍ରଶଂସା କରିଛନ୍ତି। ତେବେ ବର୍ତ୍ତମାନ ସେପରି ଏକ ଭିନ୍ନ ଧରଣର କାହାଣୀ ସନ୍ଧାନରେ ମୁଁ ରହିଛି। ଯଦି ଏପରି କିଛି ବାୟୋପିକ୍ ମିଳେ ତାହା ଆହୁରି ଭଲ। ମୋ ମତରେ ଏଭଳି ସିନେମାରୁ କେବଳ ଦର୍ଶକ ନୁହଁନ୍ତି ସମାଜ କିଛି ଶିଖିପାରିବ।'



ସୋନାକ୍ଷୀ

# କଳାପାହାଡ

**ଇ**ତିହାସର ପୃଷ୍ଠା ଲେଉଟାଇଲେ କଳାପାହାଡର ଛାତିଥରା କାର୍ଯ୍ୟ ଆଖି ସାମନାକୁ ଆସିଥାଏ। ପ୍ରତିଶୋଧ ପରାୟଣ ହୋଇ ସେ କେତେ ମନ୍ଦିରକୁ ଛାରଖାର କରିଦେଇଛି ତାହାର ହିସାବ ନାହିଁ। ଏଭଳି ବ୍ୟକ୍ତିଙ୍କର ଜୀବନୀକୁ ନେଇ ନିର୍ମିତ ହେଉଛି ଓଡ଼ିଆ ସିନେମା 'କଳାପାହାଡ'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଚନ୍ଦନ କର। ଏହି ଭୂମିକା ପାଇଁ ତାଙ୍କୁ ଲଣ୍ଡା ହେବାକୁ ପଡିଛି ଏବଂ ତା'ସହ ଦାଢ଼ି ମଧ୍ୟ ବଢ଼ାଇଛନ୍ତି। ଏସଡିଡି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଉକ୍ତ ଫିଲ୍ମର ଶୁଟିଂ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଚିତ୍ରତୋଳନ ସହ ପ୍ରଯୋଜକ ସାଜିଛନ୍ତି ପ୍ରଦୀପ ସାହୁ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବି. ଶ୍ରୀବତ୍ସ। ଫିଲ୍ମର କ୍ରିଏଟିଭ ନିର୍ଦ୍ଦେଶକ ଅଛନ୍ତି ଦେବାଶିଷ ଜେନା। ଗୀତ ସହ ସଂଳାପ ରଚନା କରିଛନ୍ତି ଡା. ନିର୍ମଳ ନାୟକ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଚନ୍ଦନଙ୍କ ବ୍ୟତୀତ ସ୍ନିଗ୍ଧା ମହାନ୍ତି, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ (ଛତିଶଗଡ), ଅଭିନବ ସିଂ, ଶ୍ରୀକୁମାର ଜେନା ଏବଂ ପବିତ୍ର ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



ଚନ୍ଦନ

# ବାଣୀଙ୍କ ସ୍ପେଶାଲ ପ୍ରାକ୍ଟିସ

**ବା**ଣୀ କପୁରଙ୍କୁ ନେଇ ଏବେ ଚର୍ଚ୍ଚା। ୟା ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଏକ ରୋମାଣ୍ଟିକ ଗୀତରେ ସେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ କରିବାକୁ ବାଧ ହୋଇଛନ୍ତି। ଏ ସମ୍ପର୍କରେ ବାଣୀ କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ବିଶେଷଭାବରେ ଏଥିରେ ସଂଯୋଜିତ ଏକ ରୋମାଣ୍ଟିକ ଗୀତକୁ ନେଇ ମୁଁ ବେଶ୍ ଉତ୍ସାହିତ ଅଛି। ପୁଣି ତା' ପାଇଁ ସ୍ପେଶାଲ ପ୍ରାକ୍ଟିସ ଆରମ୍ଭ କରିଛି। ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।' ତେବେ ଏଥିରେ ସୋନାକ୍ଷୀଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।



ବାଣୀ

# ରିୟଲ ହୀରୋ ଶାହରୁଖ

**ବେ**ଳେବେଳେ ନିଜର ସାହସିକ କାର୍ଯ୍ୟ ପାଇଁ ବଲିଉଡ ସେଲିବ୍ରେଟିମାନେ ପ୍ରଶଂସିତ ହୋଇଛନ୍ତି। ଏପରି ଏକ ଘଟଣା ବିଷୟରେ ନିକରେ ସୂଚନା ଦେଇଥିଲେ ଐଶ୍ୱର୍ଯ୍ୟା ରାୟବଚ୍ଚନ। ଏ ନେଇ ସେ କହନ୍ତି, '୨୦୧୯ରେ ଅମିତାଭ ଏକ ଦୀପାବଳି ପାର୍ଟିର ଆୟୋଜନ କରିଥାଆନ୍ତି। ପାର୍ଟି ଶେଷ ପର୍ଯ୍ୟାୟରେ ଏକ ଅଘଟଣ ଘଟିଥିଲା। ମୋ ମ୍ୟାନେଜର ଅର୍ଚ୍ଚନା ସଦାନନ୍ଦଙ୍କ ଲେହେଙ୍ଗାରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହି ସମୟରେ ମୁଁ 'ହେଲପ୍ ହେଲପ' କହି ଚିତ୍କାର କରିଥିଲି। ଏହା ଶୁଣି ସେଠାରେ ଉପସ୍ଥିତ ଶାହରୁଖ ଦୌଡି ଆସି ତାଙ୍କୁ ଉଦ୍ଧାର କରିଥିଲେ। କେବଳ ସେତିକି ନୁହେଁ, ଆମ ସହ ସେ ମଧ୍ୟ ହସ୍‌ପିଟାଲ ଯାଇଥିଲେ। ଶାହରୁଖଙ୍କ ସାହସିକ ସହଯୋଗ ପାଇଁ ସେଦିନ ଅର୍ଚ୍ଚନା ଏକ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଏ ନେଇ ତାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ ଏବଂ ତାଙ୍କର ଏହି ସହଯୋଗକୁ ମୁଁ ସାରା ଜୀବନ ଭୁଲି ପାରିବି ନାହିଁ। ଏହି ଦୁର୍ଘଟଣାରେ ଅର୍ଚ୍ଚନାଙ୍କର ହାତ ଏବଂ ଗୋଡର ପାଖାପାଖି ୧୫ ପ୍ରତିଶତ ପୋଡି ଯାଇଥିଲା। ଇନଫେକଶନ ଭୟରେ ତାଙ୍କୁ କିଛି ଦିନ ଆଇସିୟୁରେ ରଖାଯାଇଥିଲା। ପରେ ସେ ସୁସ୍ଥ ହୋଇ ଫେରିଥିଲେ।'



ଶାହରୁଖ-ଐଶ୍ୱରା

# ପୂଜାରେ ମନ

**କା**ର୍ତ୍ତିକ ଆରିୟନଙ୍କର ଏକ ଅଭ୍ୟାସ ଅଛି। ତାଙ୍କ ଅଭିନୀତ କୌଣସି ଚଳଚ୍ଚିତ୍ର ରିଲିଜ ହେବା ପୂର୍ବରୁ ସେ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବାକୁ ଭୁଲନ୍ତି ନାହିଁ। କେବଳ ସେତିକି ନୁହେଁ କୌଣସି ଫିଲ୍ମ ସାଇନ୍ କରିବା ପରେ ସେ ମନ୍ଦିର ଯାଇଥାଆନ୍ତି। ନିଜର ଏଭଳି ଅଭ୍ୟାସ ବିଷୟରେ କାର୍ତ୍ତିକ କହନ୍ତି, 'ମନ୍ଦିର ଯିବା ପିଲାଟି ଦିନରୁ ମୋର ଅଭ୍ୟାସ। ତାହାକୁ ଏବେ ମଧ୍ୟ ବଜାୟ ରଖିଛି। ମେ' ୨୦ରେ ମୋ ଅଭିନୀତ 'ଭୁଲ ଭୁଲେୟା-୨' ରିଲିଜ ହୋଇଛି। ପ୍ରାରମ୍ଭରୁ ମଧ୍ୟ ଫିଲ୍ମଟି ଭଲ ବିଜନେସ୍ କରୁଛି। ଏହା ପ୍ରିମିୟର ପୂର୍ବରୁ ମୁଁ ମନ୍ଦିର ଯାଇଥିଲି। ସେହି ସମୟରେ ମୋର ଭେଟ ହୋଇଥିବା କେତେଜଣ ସାମ୍ବାଦିକଙ୍କୁ ଏ ବିଷୟରେ କହିଥିଲି। ମୁଁ ଜଣେ ଠାକୁର ବିଶ୍ୱାସୀ। କୌଣସି କାମ କରିବା ପୂର୍ବରୁ ମୁଁ ଯେମିତି ହେଲେ ଠାକୁରଙ୍କୁ ପୂଜା କରି ସେହି କାମ ଆରମ୍ଭ କରିଥାଏ।' ବର୍ତ୍ତମାନ କାର୍ତ୍ତିକ ଶୁଟିଂ ଚାଲିଥିବା 'ଶେହେଜାଦେ' ଫିଲ୍ମରେ ଅଭିନୟ କରୁଛନ୍ତି।



କାର୍ତ୍ତିକ

# ରହିଗଲା ଅବଶୋଷ

**ଯା**ମି ଗୌତମଙ୍କର ଏକ ଅବଶୋଷ ରହିଯାଇଛି। ପାଠ ପଢ଼ିବା ସମୟରେ ସେ ଓକିଲ ହେବାକୁ ଇଚ୍ଛା ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ସ୍ୱପ୍ନ ଦେଖିଲେ। ହେଲେ ଶେଷରେ ଅଭିନୟକୁ ଆପଣେଇ ନେଇଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। ଏହାପୂର୍ବରୁ ସେ କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରେ ଅଭିନୟ କରିସାରିଥିଲେ। ୨୦୧୨ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଯାମି। ଇତି ମଧ୍ୟରେ ଦେଖୁ ଦେଖୁ ନଅ ବର୍ଷ ବିତିଗଲାଣି। ଆଉ ନିଜର ଏହି ଅଭିନୟ କ୍ୟାରିୟରକୁ ନେଇ ବେଶ୍ ସନ୍ତୁଷ୍ଟ ଅଛନ୍ତି ସେ। ଏ ସମ୍ପର୍କରେ ଯାମି କହନ୍ତି, 'ୟା ଭିତରେ ନଅ ବର୍ଷ ବିତିଗଲାଣି, ହେଲେ ଜଣାପଡୁନାହିଁ। ପାଠ ପଢ଼ିଲା ବେଳେ ତ ଓକିଲ ନ ହେଲେ ଆଇଏଏସ ଅଫିସର ହେବାକୁ ଚାହିଁଥିଲି। ତାହା ତ ହୋଇପାରିଲା ନାହିଁ। ଶେଷରେ ଆକ୍ଟିଂକୁ ଆପଣେଇ ନେଇଛି। ହିନ୍ଦୀ ସିନେମାରେ ଆଜି ମୁଁ ତିଷ୍ଠି ରହିଛି କେବଳ ଦର୍ଶକଙ୍କ ପାଇଁ। ସେମାନେ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।' ଅବସର ମିଳିଲେ ଯାମି ଗୀତ ଶୁଣିବାକୁ ଏବଂ ଘର ସଜାଇବାକୁ ପସନ୍ଦ କରନ୍ତି।



ଯାମି

ପ୍ରଥମ ରୋଜଗାର

# ଦରମା ଟଙ୍କାରେ ଅମୂଲ କିଣି ଖାଇଥିଲି



କବି, ଗାଳ୍ପିକ ତଥା ପୋଲିସ ଅଧିକାରୀ ଯଶୋବନ୍ତ ସେଠୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୟୂରଭଞ୍ଜ ଜିଲା ବଣପାହାଡ଼ଘେରା କପ୍ତିପଦାର ଏକ ଗରିବ ଚାଷୀ ପରିବାରରେ ମୋ ଜନ୍ମ। ତୃତୀୟ ଶ୍ରେଣୀରେ ପଢିଲାବେଳେ ବାପା ଅଚାନକ କୁଆଡ଼େ ନିରୁଦ୍ଦିଷ୍ଟ ହୋଇଗଲେ। ଚାରି ଭଉଣୀଙ୍କ ପରେ ଜନ୍ମ ହୋଇଥିବାରୁ ଏବଂ ସ୍ୱଭାବରେ ଶାନ୍ତ ଓ ପଢାରେ ଆଗୁଆ ଥିବାରୁ ସମସ୍ତଙ୍କ ସ୍ନେହ, ଶ୍ରଦ୍ଧା ପାଇ ପିତାଙ୍କ ଅନୁପସ୍ଥିତିକୁ ପାସୋରି ଯାଉଥିଲି। କେବଳ ପାଠ ନୁହଁ, ସଂଗୀତ, ଅଭିନୟ, ଲେଖାଲେଖି, ଚିତ୍ରାଙ୍କନ, କ୍ରିକେଟ ଖେଳ ଆଦିରେ ପାରଦର୍ଶିତା ଲାଭକରି ଅନେକ ପ୍ରଶଂସା ମଧ୍ୟ ସାଉଣ୍ଟିଥିଲି। ମାଟ୍ରିକ୍‌ରେ ଭଲ ରେଜଲ୍ଟ କରିବା ପରେ ବାଲେଶ୍ୱର ଫକୀରମୋହନ କଲେଜ ଓ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍.ଏ, ବାରିପଦାରୁ ବି.ଇଡି, ବାଲେଶ୍ୱରରୁ ଏକ ମ୍ୟାନେଜ୍‌ମେଣ୍ଟ କୋର୍ସରେ ଡିପ୍ଲୋମା କରି ବାରିପଦାରେ ଥିବା ମୋର ଜଣେ ବନ୍ଧୁଙ୍କ ମ୍ୟାନେଜ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ଅବୈତନିକ ଅଧ୍ୟାପକ ଭାବେ ପ୍ରଥମେ କିଛିଦିନ କାମ କଲି। ତା' ପରେ ୨୦୦୦ ମସିହାରେ ଓଡ଼ିଶା ପୋଲିସ ବିଭାଗରେ ସର୍ଜେଣ୍ଟ (ସବ୍ ଇନ୍ସପେକ୍ଟର ର୍‍ୟାଙ୍କ୍) ହିସାବରେ ଯୋଗଦେଲି। ଜୀବନରେ କେବେ ବି ପୋଲିସ୍‌ଟିଏ ହେବି ବୋଲି ଭାବି ନ ଥିଲି। କାରଣ ବି.ଇଡି କରିଥିବାରୁ ଏବଂ ମୋର ସ୍ୱଭାବ ଦୃଷ୍ଟିରୁ ମୁଁ ଶିକ୍ଷକଟିଏ ହେବି ବୋଲି ଏକପ୍ରକାର ସ୍ଥିର କରିସାରିଥିଲି। ଯାହାହେଉ ଶେଷରେ ସରକାରୀ ଚାକିରିଟିଏ ପାଇଲି ଏବଂ ଜଏନିଂ ଲେଟରଟି ହାତରେ ଧରି ଖୁସିରେ କାନ୍ଦି ପକାଇଥିଲି। ପ୍ରତ୍ୟେକ ବ୍ୟକ୍ତିଙ୍କର ଏକ ଇଚ୍ଛା ଥାଏ, ଚାକିରି କରି ପ୍ରଥମ ଦରମା ପାଇଲେ ଅମୁକ କରିବି, ସମୁକ କରିବି ବୋଲି। କିନ୍ତୁ ମୋର ଏକ ଅଜବ ଇଚ୍ଛା ଥିଲା। ମୋ ହାତକୁ ପ୍ରଥମ ଦରମା ଆସିଥିଲା ଏକାଥରକେ ଦେଢ଼ମାସର। କାରଣ ମୁଁ ଫେବୃୟାରୀ ୧୪ରେ ଜଏନ୍ କରିଥିବାରୁ ଏପ୍ରିଲ ମାସରେ ଏକାବେଳକେ ଦେଢ଼ମାସର ଦଶହଜାର ପାଖାପାଖି ଦରମା ପାଇଥିଲି। ଅନୁଗୋଳ ପୋଲିସ ଟ୍ରେନିଂ କଲେଜରେ ସେତେବେଳେ ଟ୍ରେନିଂ ନେଉଥାଏ। ଟ୍ରେନିଂ ନ ସରିବା ଯାଏ ଦୀର୍ଘ ଦଶମାସ ପର୍ଯ୍ୟନ୍ତ ଛୁଟି ମିଳିବାରେ ପ୍ରବଳ କଟକଣା ଥାଏ। ମୋର ପ୍ରଥମ କର୍ତ୍ତବ୍ୟ ଥିଲା ଗାଁରେ ରହୁଥିବା ମା' ନିକଟକୁ ଟଙ୍କା ପଠେଇବା। ତେଣୁ ଦରମା ପାଇଲା ପରେ ପ୍ରଥମେ ୧୪୦୦ ଟଙ୍କା ମା' ପାଖକୁ ମନିଅର୍ଡରେ କରିଥିଲି ଏବଂ ତା'ପରେ ପିଲାଦିନରୁ ପ୍ରଥମ ଦରମାକୁ ନେଇ ମୋ ମନରେ ଥିବା ଏକ ଅଜବ ଖିଆଲକୁ ପୂରଣ କରିବାକୁ ବାହାରିପଡ଼ିଲି। ନିକଟସ୍ଥ ଦୋକାନକୁ ଯାଇ ୨୦୦ ଗ୍ରାମ୍‌ର ଅମୂଲ ପ୍ୟାକେଟ୍‌ଟିଏ କିଣି ଆଣିଲି। ଆମେ ଗୋଟିଏ ବାରାକ୍‌ରେ ୧୯ ଜଣ ଷ୍ଟାଫ୍ ରହୁଥିଲୁ। ସମସ୍ତଙ୍କୁ ପ୍ୟାକେଟ୍‌ଟି ଦେଖେଇ ଜୋର୍‌ରେ କହିଥିଲି "ସାଙ୍ଗମାନେ, ମୋର ପିଲାଟିଦିନରୁ ଇଚ୍ଛା ଥିଲା ପ୍ରଥମ ଦରମାରେ ଅମୂଲ କିଣି ମନଭରି ଖାଇବି ବୋଲି। ଏଇ ଦେଖ ଖାଉଛି। କିଏ ଖାଇବ ଆସ।" ଏହା କହି ପରମ ତୃପ୍ତିରେ ଶୁଖିଲା ଅମୂଲଗୁଣ୍ଡକୁ ଖାଇଚାଲିଲି। ଦୁଇ ତିନିଜଣ ସାଙ୍ଗ ଆସି ମୋ'ସହ ଭାଗ ମଧ୍ୟ ହେଲେ। ସତରେ ସେଦିନର ଘଟଣାଟି ମୋ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିଛି ଆଉ ଚିରକାଳ ରହିଥିବ। ତେବେ ସେ ଯାହା ବି ହେଉ ବର୍ତ୍ତମାନ ମୁଁ ଭୁବନେଶ୍ୱର ପୋଲିସ କମିଶନରେଟ୍‌ରେ ଏସିପି(ସୁରକ୍ଷା) ଭାବେ କାର୍ଯ୍ୟରତ ରହିବା ସହ ସମୟ ବାହାର କରି କିଛି ଗପ, କବିତା, ପ୍ରବନ୍ଧ, ସଙ୍ଗୀତ ରଚନା ମଧ୍ୟ କରେ। ଏଥିସହିତ କେତେକ କାର୍ଟୁନ ଚ୍ୟାନେଲ୍ ପାଇଁ କାହାଣୀ ଓ ସଂଳାପ ବି ଲେଖେ। 'ରାଗ ବସନ୍ତ, ଅସ୍ତରାଗ' ହେଉଛି ମୋର ଦୁଇଟି ଗଳ୍ପ ସଂକଳନ। ସେହିପରି 'ନିଃଶବ୍ଦ ଝଣତ୍କାର, ନୀଳାଭ ଦିଗନ୍ତ, ଅସ୍ତଲଗ୍ନା, ଭଗ୍ନ ଡେଣାର ଉଡ଼ାଣ' ହେଉଛି ମୋ ଲିଖିତ ୪ଟି କବିତା ସଂକଳନ। ନିଜର ଏହି ସାହିତ୍ୟକୃତି ପାଇଁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ତରଫରୁ ବହୁ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିଛି; ଯାହା ମୋତେ ସାହିତ୍ୟ ଜଗତରେ ଆହୁରି ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଛି। – **ଅନ୍ୱିତା**

# ଅଜଣା ପ୍ରେମିକା ଭାରି ଚତୁରୀ, ନିମିଷକେ କଲା ମନକୁ ଚୋରି



ସାଥୀ

'ଅଜଣା ପ୍ରେମିକା ଭାରି ଚତୁରୀ, ନିମିଷକେ କଲା ମନକୁ ଚୋରି।' ହୁଏତ ଏପରି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ–**ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ମୋର ଏହି ସପନ କେବେ ପୂରଣ ହେବ କହିବେ କି ସାଥୀ

*–ଅନିକେତ, ରାଉରକେଲା*

**ଉତ୍ତର :** ପ୍ରେମର ନିଶା ଥରେ ଘାରିଲେ ମନ ସବୁବେଳେ ଆକାଶରେ ଉଡିବୁଲେ। ଆଉ ସେହି ସମୟରେ ମନକୁ ନିୟନ୍ତ୍ରଣ କରିବା ସହଜ ହୋଇ ନ ଥାଏ। ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। ତେଣୁ ସେହି ଭାବନା ରାଇଜରୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ । ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ଅକସ୍ମାତ ଭେଟ ହେଲା, ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ–**ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ଦିବାକର ପୁହାଣ, କଟକ*

**ଉତ୍ତର :** ଗୋଟିଏ ପଟେ ଲେଖିଛନ୍ତି ଯେ ପ୍ରଥମ ପ୍ରେମକୁ ଭୁଲି ପାରୁନି। ସେପଟେ ପୁଣି ଥରେ ପ୍ରେମ ନଈରେ ଡୁବ ପକାଇବାକୁ ମନ ଉତାବିଳା ହେଲାଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହ ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ। ତେଣୁ ସବୁଠାରୁ ଉତ୍ତମ ହେବ ନିଜ ପ୍ରଥମ ପ୍ରେମରେ ପୂର୍ଣ୍ଣଚ୍ଛେଦ ପକାନ୍ତୁ। ସେହି ପ୍ରେମ ଆଉ ପ୍ରେମିକାକୁ ମନକୁ ପୁରା ପାଶୋରି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ–**ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ?

–ଅଭିଷେକ, କେନ୍ଦ୍ରାପଡା

**ଉତ୍ତର :** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ–**ଲାଜରୁ ପ୍ରେମର ସୃଷ୍ଟି ବୋଲି ଅନେକ କହନ୍ତି। ଏପରି କଥା ପଛରେ ସତ୍ୟତା ରହିଛି କି ?

*–ଅଜୟ କୁମାର, ନୂଆପଡା*

**ଉତ୍ତର :** ପ୍ରେମର ପ୍ରଥମ ପାହାଚରେ ପାଦ ଦେବା ସମୟରେ ଅନେକ ଝିଅ ଲାଜ କରନ୍ତି। ସେହି ଲାଜରେ ହିଁ ପ୍ରେମର ଭିତିରି କଥା ଲୁଚି ରହିଥାଏ। ତାହାକୁ ପଢ଼ିବାକୁ କେବଳ ଟିକେ ବୁଦ୍ଧି ଖଟାନ୍ତୁ। ହୁଏତ ସେହି ଲାଜୁଆ ଇସାରାରେ ହୁଏତ ଆପଣଙ୍କ ମନ ତା' ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହୁଏତ ହାତରୁ ଖସି ଯାଇପାରେ।

**ପ୍ରଶ୍ନ–**ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। କିଛି ସମୟ କଥାବାର୍ତ୍ତାରେ ମୋତେ ଯେମିତି ଲାଗିଲା ସେ ମୋ ମନକୁ କିଣିନେଇଛି। ଆଉ ତା' ସହ ଭେଟ ହେଉନାହିଁ। ମୁଁ ଏବେ କ'ଣ କରିବି ? *–ସୁଜିତ ନାଥ, ଭୁବନେଶ୍ୱର*

**ଉତ୍ତର :** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ତାହାର ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ଯାହାକୁ ମନ ଦେଇ ବସିଛନ୍ତି ତାହାର କିଛି ଠା' ଠିକଣା ଆପଣଙ୍କ ପାଖରେ ନାହିଁ। ଏମିତି ବି ହୋଇପାରେ ସେହି ସୁନ୍ଦରୀ ମଧ୍ୟ ଆପଣଙ୍କ ମନକୁ ଚୋରି କରିନେଇଛି।

# ଆରଡ଼ିରେ ଶିବ ବିବାହ



**ଶା**ସ୍ତ୍ରାନୁସାରେ ଦେବ, ମାନବ, ଦାନବ ସଭିଏଁ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି। ଏହି ପାରମ୍ପରିକ ଧାରାକୁ ବଜାୟ ରଖିବା ପାଇଁ କାହିଁ କେଉଁକାଳରୁ ପାଳିତ ହୋଇଆସୁଛି ପବିତ୍ର ଶୀତଳଷଷ୍ଠୀ। ଏହି ପବିତ୍ର ଦିବସରେ ଦେବ ଦେବ ମହାଦେବ ମାତା ସତୀଙ୍କୁ ବିବାହ କରିଥାନ୍ତି। ସେଥିପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଶୈବପୀଠରେ ଏହି ଉତ୍ସବକୁ ମହାଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ। ଭଦ୍ରକ ଜିଲାର ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ମଧ୍ୟ ପ୍ରତିବର୍ଷ ଶିବବିବାହ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଜୁନ୍ ୪ ତାରିଖ ଶନିବାର ପବିତ୍ର ଶୀତଳଷଷ୍ଠୀରେ ଏଠାରେ ସମ୍ପୂର୍ଣ୍ଣ ବୈଦିକ ରୀତି ଅନୁସାରେ ଦେବ ଦେବ ମହାଦେବ ଶୈଳସୁତା ମାତା ପାର୍ବତୀଙ୍କ ହାତ ଧରିବେ। ନିୟମାନୁସାରେ ପୂର୍ବଦିନ ଅର୍ଥାତ୍ ଶୁକ୍ରବାର ବାବା ମଣିଙ୍କର ମଙ୍ଗଳକୃତ୍ୟ ସମ୍ପନ୍ନ ହେବ। ବାବାଙ୍କୁ ୭ ଜଣ ପତିବ୍ରତା ନାରୀ ହଳଦୀ ପାଣିରେ ସ୍ନାନ କରାଇ ମଙ୍ଗଳକୃତ୍ୟ କାର୍ଯ୍ୟ ସମାପନ କରିବେ।

**ସୁସଜ୍ଜିତ ବିମାନରେ ବରଧରା ଆସେ–** ବାହାଘର ଦିନ ପୂର୍ବାହ୍ନରେ କନ୍ୟାପିତାଙ୍କ ବାସଭବନରୁ ପବନସୁତ ହନୁମାନଙ୍କୁ ବରଧରା ବେଶରେ ସଜ୍ଜିତ କରାଯାଇ ଢୋଲ, ମହୁରି, ଘଣ୍ଟ, ଦୁଲ୍‌ଦୁଲି ବାଦ୍ୟର ତାଳେ ତାଳେ ବରପିତାଙ୍କ ଗୃହାଭିମୁଖେ ପଠା ଯାଇଥାଏ। ସେଠାରେ ବରଧରାଙ୍କ ସମେତ ଅନ୍ୟମାନଙ୍କୁ ଭବ୍ୟସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥାଏ।




**ରାଜରାଜେଶ୍ୱର ଓ ରାଜରାଜେଶ୍ୱରୀ ବେଶ–** ବିବାହ ଉତ୍ସବର ଅପରାହ୍ନରେ ବାବା ଆଖଣ୍ଡଳମଣିଙ୍କୁ ରାଜରାଜେଶ୍ୱର ଓ ମାତା ପାର୍ବତୀଙ୍କୁ ରାଜରାଜେଶ୍ୱରୀ ବେଶରେ ସଜ୍ଜିତ କରାଯାଇଥାଏ। କଥିତ ଅଛି, ଯେଉଁ ବାଡୁଅ ପୁଅ କିମ୍ବା ଝିଅଙ୍କର ବାହାଘର ହୋଇପାରୁ ନାହିଁ ସେମାନେ ଏହି ବେଶ ଦେଖିଲେ ସେମାନଙ୍କର ବିବାହ ଅଳ୍ପଦିନ ମଧ୍ୟରେ ସମାପନ ହୋଇଥାଏ। ତେଣୁ ଏହି ବେଶ ଦେଖିବା ପାଇଁ ପୀଠରେ ନାହିଁ ନ ଥିବା ଭିଡ଼ ଜମେ।

**ବିରାଟ ପଟୁଆରରେ ବରାନୁଗମନ–** ସେହିଦିନ ସନ୍ଧ୍ୟାରେ ଏକ ବିରାଟ ପଟୁଆରରେ ବାବାଙ୍କ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ବିମାନରେ ବସ୍ତ୍ରଷ୍ଟାଣ୍ଡରୁ କନ୍ୟାପିତାଙ୍କ ଗୃହକୁ ନିଆଯାଇଥାଏ। ଲୌକିକ ପରମ୍ପରା ରୀତି ଅନୁସାରେ, ବାଣରୋଶଣି, ଆତସବାଜିରେ ଶୈବପୀଠ ଆରଡ଼ି ଝଲସି ଉଠିଥାଏ। ଏହି ଶୋଭାଯାତ୍ରାରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ନୃତ୍ୟ ଓ ବାଦ୍ୟ ଓ କୀର୍ତ୍ତନ ଆଦି ପରିବେଷିତ ହୋଇଥାଏ।

**ଦେବ, ଦାନବ, କିନ୍ନର ସାଜନ୍ତି ବରଯାତ୍ରୀ–** ପ୍ରଭୁଙ୍କ ବରାନୁଗମନ ଶୋଭାଯାତ୍ରାରେ ସେବାୟତମାନେ ନିଜକୁ ବିଭିନ୍ନ ଦେବାଦେବୀ, ଦାନବ ଓ କିନ୍ନର ବେଶରେ ସଜ୍ଜିତ କରି ବରଯାତ୍ରୀ ରୂପେ ଯାଇଥାନ୍ତି। ଶୋଭାଯାତ୍ରାରେ ହନୁମାନ ବେଶଧାରୀ ସେବାୟତଙ୍କ ଅଭିନୟ ଖୁବ୍ ଉଚ୍ଚକୋଟୀର ହୋଇଥାଏ।

**ଅର୍ଦ୍ଧରାତ୍ରରେ ହୁଏ ବିବାହ ସମ୍ପନ୍ନ–** ବିବାହ ମହୋତ୍ସବ ଦେଖିବାକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ପ୍ରତୀକ୍ଷାର ଅନ୍ତ ଘଟେ ଅର୍ଦ୍ଧରାତ୍ରରେ। ଫୁଲବେଦିରେ ସ୍ୱୟଂ ଶିବଶମ୍ଭୁ ଭୋଳାଶଙ୍କର ଜଗତ୍‌ଜନନୀ ମାତା ପାର୍ବତୀଙ୍କ ହାତ ଧରନ୍ତି। ପୁରୋହିତଙ୍କ ବିବାହ ମନ୍ତ୍ର ପଠନରେ ସାରା ଆରଡ଼ି ପ୍ରକମ୍ପିତ ହୋଇ ଉଠେ। ବରପିତା ଓ କନ୍ୟାପିତା ଲୋକାଚାର ମତରେ ସମୁଦି ମିଳନ ପରେ ପରସ୍ପର କୋଳାଗ୍ରତ ହୁଅନ୍ତି। ଯୌତୁକ ବାବଦରେ କନ୍ୟାପିତା ୨ ଏକର ଶ୍ମଶାନ ଜମି, ୧୦ ହଳ ନାଗ, ୨୫ ଗୋଟି ବୃଷଭ ଏବଂ ଅନ୍ୟାନ୍ୟ ସ୍ୱର୍ଣ୍ଣ ଓ ରୌପ୍ୟନିର୍ମିତ ଅଳଙ୍କାର ପ୍ରଦାନ କରିଥାନ୍ତି।



**ଖାଦ୍ୟ ସହ ମୃଦୁପାନୀୟ ବଣ୍ଟନ–** ଏହି ଦିନ ପୀଠରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସେବାୟତ ଓ କେତେକ ବଦାନ୍ୟ ବ୍ୟକ୍ତି ମାଗଣାରେ ଖାଦ୍ୟ ଓ ପାନୀୟ ବଣ୍ଟନ କରିଥାନ୍ତି।

ତେବେ ଏହି ମହୋତ୍ସବକୁ ଲୋକାଭିମୁଖୀ ତଥା ସଫଳ କରିବା ପାଇଁ ମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ସେବାୟତମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥାଏ।

–ଦୀପ୍ତିରଞ୍ଜନ ନାୟକ








## ଦାମୀ ପେନ୍‌ସିଲ୍




**ଗ୍ରା**ଫ୍ ଭନ୍ ଫେବର–କାଷ୍ଟେଲ ପରଫେକ୍ଟ ପେନ୍‌ସିଲ୍‌କୁ ଦୁନିଆର ସବୁଠାରୁ ଦାମୀ ପେନ୍‌ସିଲ୍ ଭାବେ ବିବେଚନା କରାଯାଇଥାଏ। କାରଣ ଏହି ପେନ୍‌ସିଲ୍‌ର ଉପର କୋଟ୍‌ଟି ପ୍ରାୟ ୨୪୦ ବର୍ଷର ପୁରୁଣା ଏକ ଅଲିଭ୍ ଗଛର କାଠରେ ତିଆରି। ତା’ସହିତ ଏହାକୁ ୧୮ କ୍ୟାରେଟ୍ ହ୍ୱାଇଟ୍ ଗୋଲ୍ଡରେ ଡେକୋରେଟ୍ ବି କରାଯାଇଛି। କେବଳ ସେତିକି ନୁହେଁ ଉକ୍ତ ପେନ୍‌ସିଲ୍‌ରେ ଏକ ସ୍ୱତନ୍ତ୍ର ଡିଜାଇନ୍‌ର କ୍ୟାପ୍ ମଧ୍ୟ ରହିଛି, ଯାହାର ଉପରି ଭାଗରେ ତିନୋଟି ଛୋଟ ଛୋଟ ହୀରା ଲାଗିଛି। ଏଥିସହିତ ଏହି କ୍ୟାପ୍‌ରେ ପେନ୍‌ସିଲ୍‌କୁ କାଟିବା ପାଇଁ କଟର୍‌ର ସୁବିଧା ଥିଲାବେଳେ ପେନ୍‌ସିଲ୍‌ର ପଛପଟେ ପେନ୍‌ସିଲ୍‌ର ଲେଖାକୁ ଲିଭାଇବା ପାଇଁ ରବରର ବ୍ୟବସ୍ଥା ମଧ୍ୟ ରହିଛି। ସେଥିପାଇଁ ଏହି ପେନ୍‌ସିଲ୍‌ଟିର ଦାମ୍ ପ୍ରାୟ ୧୨,୮୦୦ ଡଲାର୍ ରଖାଯାଇଛି।



# ମଡେଲ୍ ମିରର୍

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଜ୍ୟୋର୍ତିମୟୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧


## ହାଃ ହାଃ

ଥରେ ହିନ୍ଦି କ୍ଲାସ ଚାଲିଥିଲା । ଶିକ୍ଷକ ପିଲାଙ୍କୁ ପଢ଼ାଉଥିଲେ ଦିଲ୍ଲୀରେ କୁତବମିନାର ଅଛି। ସେହି ସମୟରେ ପପୁ ଶୋଇଥିଲା। ଶିକ୍ଷକ ତା ପାଖକୁ ଯାଇ ତା କାନ ଧରି ପଚାରିଲେ-ମୁଁ କ'ଣ ପଢ଼ାଉଥିଲି ଏବେ କହିଲୁ ? ପପୁ: ସାର୍,ଦିଲ୍ଲୀରେ 'କୁତା ବିମାର' ହେ।

ପପୁ :ମ୍ୟାମ୍ ମୁଁ ପରୀକ୍ଷାରେ ଫେଲ୍ ହେବାକୁ ଚାହୁଁଛି।
ମ୍ୟାଡମ୍: କାହିଁକି ?
ପପୁ: ବାପା କହିଛନ୍ତି ଫାଷ୍ଟ ହେଲେ ସାଇନ୍ସ,ସେକେଣ୍ଡ କ୍ଲାସ ପାଇଲେ ଆର୍ଟ୍ସ ଯଦି ଫେଲ ହେବୁ ତେବେ ତୋ ବାହାଘର କରାଇଦେବି।

ସ୍ତ୍ରୀ: ମୁଁ ଶ୍ରୀକୃଷ୍ଣଙ୍କୁ ଏତେ ପୂଜା କରୁଛି ହେଲେ ସେ ମୋତେ ଦର୍ଶନ ଦେଉନାହାଁନ୍ତି । ସ୍ୱାମୀ: ଥରେ ତୁମେ ମୀରାଙ୍କ ପରି ବିଶ ପିଇ ଦେଖିବ ଭଗବାନ୍ ତୁମକୁ ଦର୍ଶନ ଦେବା ସହ ତାଙ୍କ ସାଥିରେ ନେଇକି ଯିବେ।





# ଗ୍ରୀଷ୍ମରେ ଶୈଳନିବାସ ଭ୍ରମଣ



**ଶୈଳନିବାସ ବା ହିଲ୍ ଷ୍ଟେଶନର ଆକର୍ଷଣୀୟ ପ୍ରାକୃତିକ ପରିବେଶ କାହାକୁ ବା ଭଲ ନ ଲାଗେ। ଖାସ୍‌କରି ଖରାଦିନେ ଥଣ୍ଡାର ଅନୁଭବ ପାଇବା ପାଇଁ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି...**

ଖରାଦିନେ ମନ ଚାହେଁ ଏମିତି କୌଣସି ସ୍ଥାନକୁ ବୁଲି ଯିବାକୁ ଯେଉଁଠି ଖରାର ତେଜ ଖୁବ୍ କମ୍ ଥିବ ଆଉ ତା'ସାଙ୍ଗକୁ ଶୀତଳ ପବନର ସ୍ପର୍ଶ ମିଳୁଥିବ। ଏଥିପାଇଁ ଶୈଳନିବାସଠାରୁ ଭଲ ସ୍ଥାନ ଆଉ କ'ଣ ହୋଇପାରେ। ତେଣୁ ଏଠାରେ ସେମିତି କେତୋଟି ପ୍ରମୁଖ ଶୈଳନିବାସ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯେଉଁଠାକୁ ବୁଲିଗଲେ ଖରାଦିନେ ବି ବେଶ୍ ଆରାମ ଲାଗିବ...

✲ **ଔଲି:** ଉତ୍ତରାଖଣ୍ଡର ଚମୋଲୀ ଜିଲାରେ ଅବସ୍ଥିତ ଔଲି ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ଶୈଳନିବାସ। ତେଣୁ କରି ବର୍ଷସାରା ଏଠାକାର ଜଳବାୟୁ ବେଶ୍ ଶୀତଳ ରହିଥାଏ। ଖାସ୍‌କରି ଖରାଦିନେ ଏଠାକୁ ବୁଲି ଆସିଲେ ଦେହମନକୁ ଖୁବ୍ ଶାନ୍ତି ମିଳିଥାଏ। ତା'ଛଡ଼ା ଏହା ଏକ ଲୋକପ୍ରିୟ ସ୍କିଂ ପଏଣ୍ଟ ଭାବେ ମଧ୍ୟ ଜଣାଶୁଣା। ବିଶେଷକରି ଶୀତଦିନେ ଏଠାରେ ହେଉଥିବା ତୁଷାରପାତରେ ସ୍କିଂ କରିବାର ମଜା ହିଁ କିଛି ନିଆରା ଅନୁଭୂତି ଦେଇଥାଏ ପର୍ଯ୍ୟଟକଙ୍କୁ। ତା'ଛଡ଼ା ଜୋଶୀମଠ, ତପୋବନ, ନନ୍ଦା ଦେବୀ, ମାନା ପର୍ବତ, ଔଲି ଆର୍ଟିଫିସିଆଲ୍ ଲେକ୍ ଇତ୍ୟାଦି ହେଉଛି ଏଠାକାର କେତୋଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ।

✲ **ସକଲେଶପୁର:** କର୍ନାଟକର ହାସନ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ଶୈଳନିବାସ ହେଉଛି ସକଲେଶପୁର। ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ପର୍ବତୀୟ ପର୍ଯ୍ୟଟନସ୍ଥଳୀରେ ରହିଛି ଅନେକ ମନଛୁଆଁ ଦର୍ଶନୀୟସ୍ଥାନ। ବିଶେଷକରି କଫି, ଅଳେଇଚ, ଗୋଲମରିଚ ତଥା ଏରିକା ପାମ୍ ଚାଷ ପାଇଁ ଏହି ସ୍ଥାନର ରହିଛି ଭିନ୍ନ ଏକ ପରିଚୟ। ତା'ଛଡ଼ା ଖରାଦିନେ ଏଠାକାର ଶୀତଳ ଜଳବାୟୁ ଦେହ ଓ ମନକୁ ବେଶ୍ ଶାନ୍ତି ପ୍ରଦାନ କରିଥାଏ। ତେଣୁ ଅନ୍ୟଦିନ ତୁଳନାରେ ଖରାଦିନ ଆସିଲେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ।

✲ **ମଡିକେରୀ:** ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଲୋକପ୍ରିୟତା ହାସଲ କରିଥିବା ମଡିକେରୀ ହେଉଛି କର୍ନାଟକର କୋଡ଼ଗୁ ଜିଲାରେ ଅବସ୍ଥିତ ଏକ ଶୈଳନିବାସ ଟାଉନ୍। ସମୁଦ୍ର ପତ୍ତନଠାରୁ ପ୍ରାୟ ୧୧୫୦ ମିଟର ଉଚ୍ଚରେ ଅବସ୍ଥିତ ଏହି ଟାଉନ୍‌ରେ ଦେଖିବାକୁ ରହିଛି ଅନେକ ପାହାଡ଼, ଝରଣା, ସବୁଜ ବନାନୀ, କଫି ବଗିଚା, ଐତିହାସିକ ତଥା ଧାର୍ମିକ ସ୍ଥଳୀ। ଖାସ୍‌କରି ଏଠାକାର ଅବ୍ବେ ଝରଣା, ମଡିକେରୀ ଦୁର୍ଗ, ରାଜା କି ସିଟ୍ (ଯେଉଁଠାରେ କୋଡ଼ଗୁର ରାଜା ବସି ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖୁଥିଲେ) ତଥା କଫି ବଗିଚା ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଖାସ୍‌କରି ଖରାଦିନେ ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହୁଥିବାରୁ ଏହି ସମୟରେ ଆଗନ୍ତୁକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ।

✲ **ମାଥେରାନ୍:** ଏହା ହେଉଛି ମହାରାଷ୍ଟ୍ରସ୍ଥିତ ଏକ ପ୍ରସିଦ୍ଧ ଶୈଳନିବାସ। ସମୁଦ୍ରପତ୍ତନଠାରୁ ପ୍ରାୟ ୮୦୦ ମିଟର ଉଚ୍ଚତାରେ ଥିବା ଏହି ଶୈଳନିବାସରେ ପର୍ଯ୍ୟଟକ ପ୍ରାୟ ୪୦ଟି ପଏଣ୍ଟ, ଦୁଇଟି ହ୍ରଦ, ଦୁଇଟି ପାର୍କ ତଥା ୪/୫ଟି ପ୍ରମୁଖ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ପାଇପାରିବେ। ତା'ଛଡ଼ା ଏଠାରେ ଥିବା ସନ୍‌ସେଟ୍ ପଏଣ୍ଟ ବି ଖୁବ୍ ଆକର୍ଷକ ଲାଗିଥାଏ। ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏଠାରେ ରହିଛି ଅନେକ ସୁବିଧା ଓ ସୁଯୋଗ। ଖାସ୍ କରି ଖରାଛୁଟି କଟାଇବା ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ହୋଇଥାଏ।



✲ **ମାଉଣ୍ଟ ଆବୁ:** ସବୁଜ ବନାନୀ ତଥା ଉଚ୍ଚ ପାହାଡ଼ ଦ୍ୱାରା ଘେରି ହୋଇ ରହିଥିବା ରାଜସ୍ଥାନସ୍ଥିତ ଏହି ଶୈଳନିବାସଟିର ପରିବେଶ ଖରାଦିନେ ବେଶ୍ ଆରାମଦାୟକ ରହିଥାଏ। ପର୍ଯ୍ୟଟକ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଏଠାରେ ଥିବା ଏକାଧିକ ଐତିହାସିକ ମନ୍ଦିର, ଦୁର୍ଗ ତଥା ମାଉଣ୍ଟ ଆବୁ ବନ୍ୟପ୍ରାଣୀ ଅଭୟାରଣ୍ୟ ବୁଲି ଦେଖିବାର ମଜା ମଧ୍ୟ ନେଇପାରିବେ।



✲ **ପଞ୍ଚଗନୀ:** ମହାରାଷ୍ଟ୍ରର ସତାରା ଜିଲାରେ ରହିଛି ଏହି ଶୈଳନିବାସ। ସମୁଦ୍ରପତ୍ତନଠାରୁ ପ୍ରାୟ ୧୨୯୩ ମିଟର ଉଚ୍ଚତାରେ ଥିବା ଏହି ସ୍ଥାନରେ ପର୍ଯ୍ୟଟକ ଟେବୁଲ୍ ଲ୍ୟାଣ୍ଡ, ସିଡ୍‌ନୀ ପଏଣ୍ଟ, ପାର୍ସୀ ପଏଣ୍ଟ, ଡେଭିଲ୍ସ କିଚେନ୍, ମାର୍ପୋ ଗାର୍ଡେନ୍ ଇତ୍ୟାଦି ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ପାଇପାରିବେ। ମନୋରମ ପରିବେଶ ଭିତରେ ଆବଦ୍ଧ ହୋଇ ରହିଥିବା ପଞ୍ଚଗନୀର ଜଳବାୟୁ ଗ୍ରୀଷ୍ମଦିନେ ବେଶ୍ ଥଣ୍ଡା ପ୍ରଦାନ କରୁଥିବାରୁ ଏଠାରେ ଗ୍ରୀଷ୍ମଛୁଟି କଟାଇବାକୁ ବହୁତ ଭଲ ଲାଗିଥାଏ।

✲ **ଉଟି:** ଉଟି ବା ଉଦ୍‌ଗମଣ୍ଡଳମ୍ ହେଉଛି ତାମିଲନାଡୁର ନୀଳଗିରି ଜିଲା ଅନ୍ତର୍ଗତ ଏକ ସହର। ଶୈଳନିବାସ ଭାବେ ବି ଏହା ପରିଚିତ। ସମୁଦ୍ରପତ୍ତନଠାରୁ ପ୍ରାୟ ୨,୨୪୦ ମିଟର ଉଚ୍ଚତାରେ ଥିବା ଏହି ହିଲ୍ ଷ୍ଟେଶନରେ ପର୍ଯ୍ୟଟକ ଅନେକ ଆକର୍ଷଣୀୟ ପାର୍କ, ବଗିଚା, ହ୍ରଦ, ଡ୍ୟାମ୍, ଐତିହାସିକ ପ୍ରାସାଦ, ସଂଗ୍ରହାଳୟ ଇତ୍ୟାଦି ଦେଖିବାକୁ ପାଇପାରିବେ। ତେବେ ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ ବିଶେଷକରି ଖରାଦିନେ ଏଠାରେ ପର୍ଯ୍ୟଟକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ।











# ପୋଷା କୁକୁରଙ୍କ ପାଇଁ ତିଆରି କଲେ ମହଲ



ଏମିତି ବି କେତେଜଣ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ସଉକ ହେଲା ଘରେ କୁକୁର, ବିଲେଇ ପାଳିବା। ସେମାନଙ୍କୁ ଭଲ ଖାଇବାକୁ ଦେବା ସହ ତାଙ୍କର ଯତ୍ନ ନେବାରେ ହିଁ ତାଙ୍କର ଅଧିକାଂଶ ସମୟ କଟିଯାଏ। ସେହିପରି ଆଉ କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ତାଙ୍କର ପାଳିତ କୁକୁର, ବିଲେଇଙ୍କ ପାଇଁ ଏମିତି କିଛି ଅଜବ କାମ କରିଯାନ୍ତି ଯେଉଁଥିପାଇଁ ତାଙ୍କର ଖୁବ୍ ଚର୍ଚ୍ଚା ହୋଇଥାଏ। ଏଇ ଯେମିତି ଚାଇନାର ମିଷ୍ଟର ଝୁଙ୍କ କଥା ନିଆଯାଉ। ମିଷ୍ଟର ଝୁ ହେଉଛନ୍ତି ଜଣେ ବ୍ୟବସାୟୀ। ପୋଷା କୁକୁରଙ୍କ ପ୍ରତି ତାଙ୍କର ରହିଛି ଖୁବ୍ ଦୁର୍ବଳତା। ନିଜ ପାଖେ ଥିବା ପ୍ରାୟ ୧୦ଟି ପୋଷା କୁକୁରଙ୍କୁ ଦୁନିଆର ସବୁ ଖୁସି ଦେବା ପାଇଁ ସେ ୟା' ଭିତରେ ପାଖାପାଖି ୫୧,୦୦୦ ଡଲାର ଖର୍ଚ୍ଚ କରିସାରିଲେଣି। ଆଉ ସେହି ଟଙ୍କାରେ ସିଏ ନିଜ ପୋଷା କୁକୁରଙ୍କ ନିମନ୍ତେ ଏକ କୁନି ମହଲ ତିଆରି କରିବା ସହ ତା'ମଧ୍ୟରେ ବିଭିନ୍ନ ପ୍ରକାର ସୌଖୀନ ଜିନିଷର ସୁବିଧା କରାଇ ଦେଇଛନ୍ତି। ଯେମିତିକି: ଏସି, ଟିଭି ସେଟ୍ ଓ ଲିଫ୍ଟର ବ୍ୟବସ୍ଥା ସହ ଏହି ମହଲ ମଧ୍ୟରେ ରହିଛି ସ୍ୱତନ୍ତ୍ର ଶୌଚାଳୟ, ସୁଇମିଂ ପୁଲ୍, ଡିସ୍କୋ ରୁମ୍ ତଥା ଫିଲ୍ମ ପ୍ରୋଜେକ୍ଟରର ସୁବିଧା। ସେହିପରି ପାଳିତ କୁକୁରଙ୍କୁ ଆନନ୍ଦ ଦେବା ପାଇଁ ଝୁ ଏହି ମହଲକୁ ଲାଗି ରହିଥିବା ବଗିଚାରେ ଦୋଳି, ବିଭିନ୍ନ ପ୍ରକାରର ସ୍ଲାଇଡ୍ସ ତଥା ଫେରି ହ୍ୱିଲ୍‌ର ବ୍ୟବସ୍ଥା ମଧ୍ୟ କରିଛନ୍ତି। ତା'ଛଡ଼ା ଏହି ପୋଷା କୁକୁରଙ୍କୁ ବୁଲାଇ ନେବା ପାଇଁ କେତେକ ଟୟ କାର୍ ବି ସେ କିଣି ନିଜ ପାଖେ ରଖିଛନ୍ତି। କିନ୍ତୁ ଏତେ ସବୁ କାମ ସିଏ ହଠାତ୍ କରି ନାହାନ୍ତି। ତାଙ୍କୁ ପାଖାପାଖି ୩ ବର୍ଷ ଲାଗିଯାଇଛି ଏହି ସଫଳତା ପାଇବା ପାଇଁ ଆଉ ଏଥିପାଇଁ ତାଙ୍କୁ ବହୁ କଷ୍ଟ ବି କରିବାକୁ ପଡିଛି। ସେଥିପାଇଁ ତ ସୋସିଆଲ୍ ମିଡିଆରେ ତାଙ୍କର ଏବେ ଖୁବ୍ ଚର୍ଚ୍ଚା ହେଉଛି।

## କାର୍ଟୁନ କର୍ନର



# ହନୁମାନଙ୍କ ଭ୍ରମ ହେଲା ଦୂର

## ଚିନ୍ମୟ ଚିନ୍ତନ



**ଶ୍ରୀ ସନ୍ୟାସୀ ଜୀ**

ଯୁଦ୍ଧକ୍ଷେତ୍ରରେ ମେଘନାଦର 'ବୀରଘାତିନୀ' ବାଣ ଆଘାତରେ ଲକ୍ଷ୍ମଣ ମୂର୍ଚ୍ଛିତ ହୋଇଗଲେ । ଲଙ୍କାରୁ ସୁଷେଣ ବୈଦ୍ୟଙ୍କୁ ଅଣାଗଲା । ଜଡ଼ିବୁଟିର ନାଁ ଏବଂ ତାହା କେଉଁ ପର୍ବତରେ ମିଳେ –ତାହାର ଠିକଣା ବି ସେ ବତାଇଦେଲେ । ରାତିକ ଭିତରେ ତାହା ଆସି ପହଞ୍ଚିବା ଦରକାର ବୋଲି ବୈଦ୍ୟ କୁହନ୍ତେ ହନୁମାନ ତୁରନ୍ତ ଯାତ୍ରା ଆରମ୍ଭ କରିଦେଲେ ।

ଠିକଣା ସ୍ଥାନରେ ପହଞ୍ଚି ଗଲେ ସତ୍ୟ କିନ୍ତୁ ଜଡ଼ିବୁଟିକୁ ଚିହ୍ନିବାରେ ତାଙ୍କର ଅସୁବିଧା ହେଲା । ଶେଷରେ ସେ ପୂରା ମେଡିକାଲ ଷ୍ଟୋର ଅର୍ଥାତ୍ ପାହାଡ଼ଟିକୁ ଉପାଡ଼ି ତାକୁ ଧରି ଆକାଶ ମାର୍ଗରେ ଉଡ଼ିବାକୁ ଲାଗିଲେ ।

ସମୟର ଅପୂର୍ବ ସରଞ୍ଜନା । ଭାଗ୍ୟର ବିଡ଼ମ୍ବନା ବି । ଆକାଶ ମାର୍ଗରେ ଉଡୁଉଡୁ ଅଯୋଧ୍ୟା ଆକାଶରେ ପ୍ରବେଶ କରିଯାଇଛନ୍ତି ହନୁମାନ । ଭ୍ରାତାଙ୍କ ଆଦେଶକୁ ଶିରୋଧାର୍ଯ୍ୟ ମନେକରି ଅଯୋଧ୍ୟାର ସେବାରେ ସଦା ଜାଗ୍ରତ ଭରତ ଦେଖିଲେ ଯେ ଆକାଶରେ ବିଚିତ୍ର ଜୀବ ଟିଏ କିଏ ଯାଉଛି । ତାଙ୍କ ଆଖିକୁ ହନୁମାନ ଏକ ରାକ୍ଷସ ପ୍ରାୟ ପ୍ରତୀତ ହେଲେ । ରାତି ଅଧରେ ଜଣେ ରାକ୍ଷସ କାହିଁକି ଅଯୋଧ୍ୟା ଆକାଶରେ ଅନୁପ୍ରବେଶ କରିଛି ? କିଛି ଅଘଟଣ ଆଶଙ୍କାରେ ଭରତ ହନୁମାନଙ୍କ ଉପରକୁ ମାରିଲେ ଏକ ଫଳକବିହୀନ ବାଣ । ଗୋସ୍ୱାମୀ କଲମ କଲେ –

ଦେଖା ଭରତ ବିସାଲା ଅତି ନିଶିଚର ମନ ଅନୁମାନି ।
ବିନୁ ଫର ସାୟକ ମାରେଉ ଚାପ ଶ୍ରୱନ ଲଗି ତାନି ॥ ( ଲଙ୍କା କାଣ୍ଡ )

ଏଠାରେ ଭରତ ହନୁମାନଙ୍କୁ ଏକ ରାକ୍ଷସ ବୋଲି ମନ ଭିତରେ ଅନୁମାନ କରିନେଲେ । ଆଶ୍ଚର୍ଯ୍ୟ ! ବଡ଼ ଆଶ୍ଚର୍ଯ୍ୟ କଥା ଇୟେ ! ହନୁମାନ ଆଉ ଭରତ ଉଭୟ ଗୋଟିଏ ଦଳର – ଭକ୍ତି ବା ସେବକ ଦଳର । ଉଭୟଙ୍କ ହାଇକମାଣ୍ଡ ବି ଏକ – ଶ୍ରୀରାମ । ଉଭୟଙ୍କ ଜପ ମନ୍ତ୍ର ବି ଏକ । ଜଣେ ଆକାଶରେ ଉଡ଼ିଉଡ଼ି 'ରାମ' ନାମ ଜପ କରୁଛନ୍ତି। ଆଉଜଣେ ତଳେ ରହି ରାମଙ୍କୁ ଜପୁଛନ୍ତି । ଉଭୟେ ରାମଙ୍କ କାର୍ଯ୍ୟକୁ ଚରିତାର୍ଥ କରିବା ପାଇଁ ପ୍ରଚେଷ୍ଟାରତ । ଉଭୟଙ୍କ ଭିତରୁ କେହି ବି ସାଧାରଣ ମଣିଷ ନୁହନ୍ତି । ଜଗତ ସିନା ରାମଙ୍କୁ ଭଜନ କରେ କିନ୍ତୁ ରାତି ପାହିଲେ ରାମ ଭରତଙ୍କୁ ଭଜନ କରନ୍ତି । ଭରତ ହେଉଛନ୍ତି ଜଣେ ମହାନ୍ ଆତ୍ମା ଏବଂ ମହାପୁରୁଷ । ସେ କିପରି ନିଜର ସତ୍‌ସଙ୍ଗୀଙ୍କୁ (ଉଭୟ ଗୋଟିଏ ଗୁରୁ 'ରାମ'ଙ୍କ ଶିଷ୍ୟ ) ନିଶାଚର ବା ରାକ୍ଷସ ବୋଲି ମନେ କରିପାରିଲେ ?



ଭଗବାନଙ୍କ ଲୀଳାକୁ କିଏ ବୁଝି ପାରିବ ? ନିଜ ଭକ୍ତର ରୋଗକୁ ଔଷଧ ଦେବାରେ ପ୍ରଭୁ ସାମାନ୍ୟ ମାତ୍ର ଢିଲା କରନ୍ତି ନାହିଁ । ହନୁମାନ ତାଙ୍କର ପ୍ରିୟ ଭକ୍ତ । ପାଠକେ ! ହନୁମାନ କେବଳ ସେବକ ବା ଭକ୍ତ ନୁହନ୍ତି, 'ହନୁମାନ ଚାଳିଶା'ରେ ହନୁମାନଙ୍କୁ ନିଜ ଭାଇ ଭରତ ଭଳି ବୋଲି ରାମ ତୁଣ୍ଡ ଫିଟାଇ କହିଦେଇଛନ୍ତି । ଆଚ୍ଛା ହନୁମାନଙ୍କୁ ଯଦି ରୋଗ ହେଲା ତେବେ ସେ ଭଲ ହେବେ କେମିତି ? ଭରତଙ୍କ ଦ୍ୱାରା ହିଁ ପ୍ରଭୁ ତାଙ୍କର ରୋଗକୁ ଭଲ କରାଇ ଥିଲେ ।

ଏବେ ପ୍ରଶ୍ନ ଉଠିବ ହନୁମାନଙ୍କୁ କି ରୋଗ ହୋଇଥିଲା ? ସେ ଏ ରୋଗ ବାବଦରେ ରାମଙ୍କୁ କହିଥିଲେ ନା ନାହିଁ ?

ନା ପାଠକେ, ଭକ୍ତଙ୍କୁ ଯେତେବେଳେ ରୋଗ ହୁଏ ସେ ନିଜେ ନ କହିଲେ ବି ପ୍ରଭୁ କିନ୍ତୁ ଜାଣି ନିଅନ୍ତି । ତଦନୁସାରେ ଔଷଧପତ୍ର ଲେଖିଦିଅନ୍ତି ।

ହଁ, ହନୁମାନଙ୍କୁ 'ଭ୍ରମ ରୋଗ' ହୋଇଥିଲା । ଅଯୋଧ୍ୟା ରାଜ୍ୟାଭିଷେକର ବହୁଦିନ ପରେ ଏକଥା ଦିନେ ସେ ରାମଙ୍କୁ କଥା ପ୍ରସଙ୍ଗରେ କହିଥିଲେ । ହନୁମାନ କହିଲେ ପ୍ରଭୁ, ଭରତଙ୍କ ବାଟୁଳି ମାଡ଼ରେ ସେଦିନ ମୋର ଦୁଇଟି ଭ୍ରମ ଦୂର ହୋଇଗଲା । ଆପଣ କୃପା କରି ସେ ଘଟଣାଟି ରଚାଇ ଥିବାରୁ ଏ ସେବକ ଆପଣଙ୍କ ପାଖେ ଚିର କୃତଜ୍ଞ ହୋଇ ରହିବ ।

କିଛି ନ ଜାଣିବା ପରି ଛଳନା କରି ପ୍ରଭୁ ମ୍ଳାନ ହସି ହନୁମାନଙ୍କ ମୁଖରୁ ଅଧିକ ଶୁଣିବା ପାଇଁ ଆଗ୍ରହ କରିବାରୁ ହନୁମାନ କହିଲେ ହେ ଭକ୍ତବତ୍ସଳ କୃପାନିଧାନ ! ଆପଣଙ୍କ ନାମ ଜପୁଥିବାରୁ ମନେମନେ ମୁଁ ନିଜକୁ ଶ୍ରେଷ୍ଠ ବୋଲି ଭାବୁଥିଲି । କିନ୍ତୁ ଭରତ ଯେ ମୋ ଠୁ ଶ୍ରେଷ୍ଠ, ତାହା ଜାଣି ସେଦିନ ମୋର ଆଖି ଖୋଲିଯାଇଥିଲା । 'ରାମ'ନାମ ମନ୍ତ୍ରରେ ଯାବତୀୟ ରୋଗ ଯେ ଛାଡ଼ି ପଳାଏ ସେଦିନ ପ୍ରଥମ ଥର ପାଇଁ ମୁଁ ଜାଣିଲି । ତାହା ଯଦି ମୁଁ ଆଗରୁ ଜାଣିଥାନ୍ତି, ତେବେ ଲକ୍ଷ୍ମଣଙ୍କ ମୂର୍ଚ୍ଛିତ ଅବସ୍ଥାକୁ ଦୂର କରିବା ପାଇଁ ଭରତଙ୍କ ସୂତ୍ରକୁ ମୁଁ ମଧ୍ୟ ପ୍ରୟୋଗ କରିପାରିଥାନ୍ତି । ଦୁଇଟି ମଣିଷଙ୍କ ରୋଗ ଥିଲା ଗୋଟିଏ – ମୂର୍ଚ୍ଛିତ ରୋଗ । ମେଘନାଦ ବାଣରେ ଲକ୍ଷ୍ମଣ ମୂର୍ଚ୍ଛିତ। ଭରତଙ୍କ ବାଣରେ ମୁଁ ମୂର୍ଚ୍ଛିତ । କିନ୍ତୁ ମୋର ମୂର୍ଚ୍ଛିତ ଅବସ୍ଥା ଦେଖି ଭରତ ବିନା ଔଷଧ ବା ଜଡ଼ିବୁଟିରେ କେବଳ 'ରାମ' ନାମ ମନ୍ତ୍ର ଜପି ମୋର ମୂର୍ଚ୍ଛିତ ଅବସ୍ଥାକୁ ଦୂର କରିବା ସହିତ ମୋ ଶରୀରର ସମସ୍ତ ପୀଡ଼ାକୁ କ୍ଷଣ ମାତ୍ରକେ ଦୂର କରି ଦେଇଥିଲେ ଅଥଚ ନିଜକୁ ଶ୍ରେଷ୍ଠ 'ରାମ' ମନ୍ତ୍ର ଜାପକ ମନେ କରୁଥିବା ମୁଁ ଅର୍ଥାତ୍ ମୋତେ ଲକ୍ଷ୍ମଣ ପାଇଁ ଏତେ ବଡ଼ ପାହାଡ଼ଟିକୁ ବୋହି ଆଣିବାର ପରିଶ୍ରମ କରିବାକୁ ପଡ଼ିଥିଲା । ମୋତେ ଏଇ ଶିକ୍ଷାଟି ଦେବା ପାଇଁ ଆପଣ ଭରତଙ୍କ ମନରେ ମୋତେ ରାକ୍ଷସ ସଜାଇ ବାଟୁଳି ମରାଇ ନାଟକ କରିଥିଲେ ।

ଭରତଙ୍କ ବାଣରେ ହନୁମାନ ଅଚେତ ହୋଇ ତଳେ ପଡ଼ିଥାନ୍ତି । ପୂର୍ବରୁ ହନୁମାନଙ୍କ ମୁଖରୁ ରାମ ନାମ ଉଚ୍ଚାରିତ ହୋଇଥିବା କଥା ଭରତଙ୍କୁ ଟିକେ ଆଭାସ ହୋଇଥିଲା । ଜଣେ ରାମ ଭକ୍ତ ବାନରର ଏ ଦଶା କରିଥିବାରୁ ଭରତ ଖୁବ୍ ଦୁଃଖୀ ହେଲେ । ଶେଷରେ ହନୁମାନଙ୍କ ଚେତା ଫେରାଇବା ପାଇଁ ରାମଙ୍କ ଆଶ୍ରା ନେଲେ । ଏ କଥା ଗୋସ୍ୱାମୀ ତୁଳସୀ ଦାସ ବର୍ଣ୍ଣନା କରି ଲେଖିଛନ୍ତି –

ଜ୍ୟୋଉଁ ମୋରେ ମନ ବଚ ଅରୁ କାୟା
ପ୍ରୀତି ରାମ ପଦ କମଲ ଅମାୟା ॥
ତୌ କପି ହୋଉ ବିଗତ ଶ୍ରମ ସୂଲା
ଜ୍ୟୋଉଁ ମୋ ପର ରଘୁପତି ଅନୁକୂଳା ॥

ହନୁମାନଙ୍କ ଅବସ୍ଥା ଦେଖି କାନ୍ଦିକାନ୍ଦି ଭରତ କହୁଛନ୍ତି, ଯଦି ମନ, ବଚନ ଓ କର୍ମରେ ମୋର ଶ୍ରୀରାମଙ୍କ ଚରଣ କମଳରେ ନିଷ୍କପଟ ପ୍ରେମ ଥିବ ଏବଂ ଯଦି ଶ୍ରୀରଘୁନାଥ ମୋ ପ୍ରତି ପ୍ରସନ୍ନ ଥିବେ ତେବେ ଏଇ ବାନର କ୍ଳାନ୍ତି ଓ ପୀଡ଼ାରୁ ମୁକ୍ତ ହୋଇ ଯାଉ । ବାସ୍, ଏତିକି ମାତ୍ରରେ ହିଁ ହନୁମାନ ଚେତା ପାଇଲେ ଏବଂ ତାଙ୍କର ସମସ୍ତ ଯନ୍ତ୍ରଣା ଦୂର ହୋଇଗଲା ।

ପ୍ରଭୁ ହନୁମାନଙ୍କ କଥା ଶୁଣି କେବଳ ହସୁଥିଲେ ଯାହା ।

ହନୁମାନ ପୁନଶ୍ଚ କହିଲେ – ଭରତଙ୍କ ବାଟୁଳି ମାଡ଼ ଖାଇ ମୁଁ ତଳକୁ ଖସି ପଡ଼ିଲି ସତ କିନ୍ତୁ ମୋ ହାତରେ ଥିବା ବିରାଟ ପାହାଡ଼ ଖଣ୍ଡ ଶୂନ୍ୟରେ ସେମିତି ଝୁଲିକି ରହିଥିଲା । ପୂର୍ବରୁ ମୋର ଭାବନା ଥିଲା ଯେ ମୁଁ ପାହାଡ଼କୁ ବୋହି ନେଉଛି କିନ୍ତୁ ଏ ଦୃଶ୍ୟ ପରେ ମୋ କର୍ତ୍ତାପଣିଆର ସମାପ୍ତି ଘଟିଲା । ମୋ ମନରୁ ଅହଂକାର ଦୂର ହୋଇଗଲା ।


*– ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*
*ମୋ:୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ଆମେରିକାରେ ସତୁରୀ ଦିନ

**ବିଜୟ ପଟ୍ଟନାୟକ**
**ପ୍ରକାଶକ–ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ ।**
**ମୂଲ୍ୟ–୩୦୦ଟଙ୍କା**

ଆମେରିକାରେ ସତୁରୀ ଦିନ ପୁସ୍ତକ ବିଜୟ ପଟ୍ଟନାୟକଙ୍କ ଭ୍ରମଣ କାହାଣୀ । ୭୦ ଦିନ ରହଣୀ ଭିତରେ ଲେଖକ ଯେଉଁ ଧାରଣା ପାଠକଙ୍କ ଭିତରେ ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି ତାହା ଉଚ୍ଚକୋଟିର । ଲେଖକ ପ୍ରତ୍ୟେକ ସ୍ଥାନରୁ କେବଳ ସ୍ଥାନ ଆକାରରେ ଲିପିବଦ୍ଧ କରି ନାହାନ୍ତି, ତା' ସହିତ ସେ ସ୍ଥାନର ଭୂଗୋଳ ଓ ଇତିହାସ ଯୋଡ଼ି ତାକୁ ଆହୁରି ଜୀବନ୍ତ ଓ ସୁଖପାଠ୍ୟ କରିପାରିଛନ୍ତି । ଜଣେ ଆମେରିକା ଭ୍ରମଣ ନ କରି ଅନେକ କଥା




ସେ ସହର ବିଷୟରେ ଜାଣିପାରିବ । ସ୍ଥାନୀତ ସମସ୍ତ ଅଧ୍ୟାୟ ପାଠକଙ୍କ ପାଇଁ ନୂତନ ଅନୁଭୂତି ଆଣି ଦେବ । ଆମେରିକା ଯାତ୍ରାକୁ ସେ ଯେଭଳି ଭାବେ ଉପସ୍ଥାପନା କରିଛନ୍ତି ତାହା ଭ୍ରମଣ ସାହିତ୍ୟରେ ଏକ ମଧୁର ସଂଯୋଜନ ଭାବେ ଆଦୃତି ଲାଭ କରିବ । ପୁସ୍ତକଟି ପାଠକଙ୍କ ମଧ୍ୟରେ ଏକ ନୂତନ ସ୍ପନ୍ଦନ ଓ ଅଭିନବ ଧାରା ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ ।

### ଭୋର ମୋତିର କାନଫୁଲ

**ଜୟନ୍ତ ମହାପାତ୍ର**
**ପ୍ରକାଶକ–କେତକୀ ଫାଉଣ୍ଡେଶନ ଟ୍ରଷ୍ଟ, ଭୁବନେଶ୍ୱର**
**ମୂଲ୍ୟ–୪୫୦ଟଙ୍କା**

ଭୋର ମୋତିର କାନଫୁଲ ଜୟନ୍ତ ମହାପାତ୍ରଙ୍କ ଆତ୍ମ ଜୀବନୀ । ଏଥିରେ ମହାପାତ୍ର ଅନେକ ଅକୁହା କଥା କହିଛନ୍ତି । ଯାହା ତାଙ୍କୁ ଏବେ ବି ଆନ୍ଦୋଳିତ କରୁଛି । ୧୮୬୪–୬୫ ମସିହାରେ ଜେଜେ ନବପାଟଣା ପାଖ କେନ୍ଦାଳ ଗାଁରୁ ଆସି କଟକ ଛତ୍ରରେ ପହଁଚିଥିଲେ । ସାହେବମାନେ ତାଙ୍କୁ ଖାଇବା ପିଇବାକୁ ଦେଇ ନୂଆ ଜୀବନ ଦେଲେ । ଜେଜେ ଛତ୍ରରେ ପଶିଲା ବେଳେ ତାଙ୍କୁ ଯେତିକି ବୟସ ହୋଇଥିଲା, ବାପା ତାଙ୍କରି କଥା ମୋତେ କହିଲା ବେଳେ ମୋତେ ସେତିକି ବର୍ଷ ହୋଇଥିଲା । ଏମିତି ଆହୁରି ଅନେକ ବର୍ଣ୍ଣନା ରହିଛି




ବହିରେ । ଶୃଙ୍ଖଳା ଲୁହର ଦାଗଠାରୁ ୧୯୪୮ ସାଲ ଜାନୁୟାରୀ ୩୦ର ରକ୍ତର ଛିଟା ଯାଏ ଏବେବି ଜଳଜଳ ତାଙ୍କ ଶାର୍ଟରେ । 'ଭୋର ମୋତିର କାନଫୁଲ'ରେ ରହିଛି ଅନିଶ୍ଚିତତା, ଆଶା, ଅଭିପ୍ସା ଓ ନୈରାଶ୍ୟ । ଆଉ କାହିଁକି କ୍ଷୀଣ ସ୍ୱରଟିଏ ବାହାରି ପଡି କହେ : ଆଜି ମୁଁ ସ୍ୱପ୍ନ ପାଇଁ ଗଢା, ଭଲପାଇବା ପାଇଁ ଗଢା । ପୁସ୍ତକଟି ପାଠକାଦୃତ ହେବ ନିଶ୍ଚୟ ।

### ଲେଖୁ ଲେଖୁ ଲେଖିଦେଲି

**ଡକ୍ଟର ପ୍ରସନ୍ନ କୁମାର ନାୟକ**
**ପ୍ରକାଶକ–ଲିପିକା, ହରିରାଜପୁର, ଜଟଣୀ**
**ମୂଲ୍ୟ–୧୫୦ଟଙ୍କା**

ଲେଖୁ ଲେଖୁ ଲେଖିଦେଲି ଡକ୍ଟର ପ୍ରସନ୍ନ କୁମାର ନାୟକଙ୍କ କବିତା ପୁସ୍ତକ । ଏଥିରେ ୬୪ଟି କବିତା ସ୍ଥାନ ପାଇଛି । ଆମର ସାମାଜିକ ପରମ୍ପରା ଓ ନୀତିବୋଧ ଦିନକୁ ଦିନ ଭାଙ୍ଗି ଯାଉଥିବା ବେଳେ କବିଙ୍କ ସମାଜ ସଂସ୍କାରର ଚରମ ପ୍ରୟାସ ନୂଆ ଜଗତ ସୃଷ୍ଟିରେ ସହାୟକ ହୋଇ ପାରିଛି । ସମସ୍ୟା ସମସ୍ୟା ଭାବେ ଠିଆ ନ ହୋଇ ସମାଧାନର ସରଳ ପନ୍ଥା ବାହାର କରି ତାକୁ କାର୍ଯ୍ୟକାରୀ କରିବାରେ କବିତାଗୁଡିକ ସମର୍ଥ ହୋଇପାରିଛି । ପାଠକଙ୍କ ଚିତ୍ତକୁ ପ୍ରଜ୍ଞାର ପରଶରେ ମୁକୁଳାଇ ପଲ୍ଲବିତ କରିବାର ଦକ୍ଷତା କବିଙ୍କର ଯଥେଷ୍ଟ ରହିଛି । ଗଭୀର ସମ୍ବେଦନଶୀଳତା ଓ ସମ୍ଭାବନାକୁ ଯାଦୁ ଦ୍ୱାରା ସେ ଉଦ୍‌ଭାସିତ କରିଛନ୍ତି । ହୃଦୟହୀନତାର



ଧୂମାଚ୍ଛନ୍ନ ପଟ୍ଟଭୂମିରେ ଶୁଣାଇ ପାରିଛନ୍ତି ଜୀଇଁବାର ଉପଲବ୍ଧି ଆଉ ହୃଦୟତାର ଯାତ୍ରା ସଂଗୀତ । ପୁସ୍ତକଟିରେ ସମାଜ ସଚେତନତା ସହିତ ସଂଶୋଧନ ପାଇଁ ଯଥେଷ୍ଟ ଦିଗ୍‌ଦର୍ଶନ ରହିଛି । ଏହି ମାର୍ଗଦର୍ଶନ ହିଁ ପ୍ରତ୍ୟେକ କବିତାର ସାର୍ଥକତା ଓ କବିତ୍ୱର ଚମତ୍କାରିତା ଏଥିରେ ସନ୍ଦେହ ନାହିଁ ।




# ମରୁଭୂମିରେ ପୋଷ୍ଟ ଅଫିସ୍

**ଦୁ**ନିଆରେ ଏମିତି ବି କେତେକ ଜିନିଷ ଅଛି, ଯାହାକୁ ଏଭଳି ନିରୋଳା ସ୍ଥାନରେ ତିଆରି କରାଯାଇଛି ; ଫଳରେ ଏହା ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି। ସେମିତି ଏକ ଛୋଟ ପୋଷ୍ଟ ଅଫିସ୍ ରହିଛି ଚାଇନାର ଇନର୍ ମଙ୍ଗୋଲିଆରେ। ସେଠାକାର ତେଙ୍ଗର୍ ମରୁଭୂମିରେ ଗଢି ଉଠିଥିବା ଏହି ପୋଷ୍ଟ ଅଫିସ୍‌କୁ ଦୁନିଆର ସବୁଠୁ ଏକଲା ତଥା ସୁଦୁର ପୋଷ୍ଟ ଅଫିସ୍ ବୋଲି କୁହାଯାଇଥାଏ। କାରଣ ଏହି ପୋଷ୍ଟ ଅଫିସ୍‌ଟି ମରୁଭୂମି ଅଞ୍ଚଳରେ ଥିବାରୁ ଏଠାକୁ ପ୍ରାୟତଃ କେହି ଲୋକ ଆସନ୍ତି ନାହିଁ। ସେଥିପାଇଁ ଏହି ସ୍ଥାନରେ ଘର କି ଅଫିସ୍ କିମ୍ବା ଆଉ କିଛି ବି ଥିବାର ଦେଖିବାକୁ ମିଳେନାହିଁ। ଯୁଆଡ଼େ ଚାହିଁବେ ଖାଲି ବାଲି ହିଁ ବାଲି ଆଉ ତା' ମଧ୍ୟରେ ରହିଛି ଏହି ଛୋଟ ପୋଷ୍ଟ ଅଫିସ୍‌ଟି। ତେବେ ସୂଚନାନୁଯାୟୀ, ଏହି ପୋଷ୍ଟ ଅଫିସ୍‌ଟି କୁଆଡ଼େ ସେଠାରେ ୩୫ ବର୍ଷ ହେଲାଣି ତିଆରି ହେଲାଣି କିନ୍ତୁ ଆଜିଯାଏଁ ତାହା ଲୋକଲୋଚନକୁ ଆସି ପାରୁ ନଥିଲା। ହେଲେ ୨୦୨୧ ଡିସେମ୍ବର ମାସରେ ମିସ୍ ଜାଙ୍ଗ ନାମକ ଜଣେ ମହିଳା ଏ ସମ୍ପର୍କିତ ଖବର ପାଇବା ପରେ ଉକ୍ତ ପୋଷ୍ଟ ଅଫିସ୍‌କୁ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରିଥିଲେ। ଆଉ ତାଙ୍କରି ଯୋଗୁ ହିଁ ଏବେ କିଛି କିଛି ଲୋକ ସେ ସ୍ଥାନକୁ ବୁଲିବାକୁ ଯାଉଛନ୍ତି ଆଉ ଉକ୍ତ ପୋଷ୍ଟ ଅଫିସ୍‌କୁ ଦେଖି ଖୁସି ବି ହେଉଛନ୍ତି। ଏପରିକି କେତେକ ଲୋକ ଇଚ୍ଛା ହେଲେ ସେଠାରେ ଚିଠି ଲେଖି ବି ପକାଉଛନ୍ତି।

# ୧୯ ବର୍ଷରେ ଲାଗନ୍ତି କୁନି ପିଲା

**ନା**ଜାପୁରର ଅବୋଲି ଜରିଟ୍। ଏବେ ତାଙ୍କୁ ବୟସ ପାଖାପାଖି ୧୯ ବର୍ଷ ହେବ। ହେଲେ ତାଙ୍କୁ ଦେଖିଲେ ଲାଗିବ ସତେକି ୬/୭ ବର୍ଷର କୁନି ଝିଅଟିଏ। ଏହା କୌଣସି ଚମତ୍କାର ନୁହେଁ ବରଂ ତାଙ୍କ ପାଇଁ ଏହା ଏକ ଦୁଃଖର ବିଷୟ। କାରଣ ଅବୋଲି ଛୋଟ ବେଳୁ ହିଁ ରେନାଲ୍ ରିକେଟ୍ସ ନାମକ ଏକ ରେୟାର୍ ହେଲ୍‌ଥ କଣ୍ଡିସନ୍‌ରେ ପିଡୀତ। ଏହି ରୋଗ ହେଲେ ଶରୀରରେ ଥିବା ଅସ୍ଥିଗୁଡ଼ିକ ଦୁର୍ବଳ ହୋଇଯାଏ, ଯଦ୍ଦ୍ୱାରା ବୟସ ବଢୁଥିଲେ ହେଁ ସେହି ଅନୁଯାୟୀ ଶାରୀରିକ ଗଠନରେ କୌଣସି ଉନ୍ନତି ହୋଇ ନଥାଏ। ଫଳରେ ଏହି ରୋଗରେ ପିଡୀତ ବ୍ୟକ୍ତି କମ୍ ବୟସର ଲାଗିଥାନ୍ତି ସତ କିନ୍ତୁ ଚଲାବୁଲା କରିପାରନ୍ତି ନାହିଁ। ଅବୋଲିଙ୍କ କ୍ଷେତ୍ରରେ ଠିକ୍ ସେୟା ହିଁ ଘଟିଛି। ଏହାଛଡ଼ା ଅବୋଲିଙ୍କର ଜନ୍ମରୁ ହିଁ ମୂତ୍ରାଶୟ ନାହିଁ, ଯାହା ତାଙ୍କ ପାଇଁ ଆଉ ଏକ ବଡ଼ ସମସ୍ୟା। କିନ୍ତୁ ଏସବୁ ସତ୍ତ୍ୱେ ବି ଅବୋଲି ନିଜ ଉପରୁ ଆଦୌ ଭରସା ତୁଟାଇ ନାହାଁନ୍ତି। ଗୀତ ଗାଇବା ଓ ଅଭିନୟ ପ୍ରତି ତାଙ୍କର ରହିଛି ଖୁବ୍ ଶ୍ରଦ୍ଧା। ସେ ଏହାକୁ ନେଇ କ୍ୟାରିୟର୍ କରିବାକୁ ମଧ୍ୟ ସ୍ୱପ୍ନ ଦେଖନ୍ତି। ଆଉ ଝିଅର ଏହି ସ୍ୱପ୍ନକୁ ପୂରଣ କରିବାକୁ ତାଙ୍କ ମା'ବାପା ମଧ୍ୟ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଆସୁଛନ୍ତି। ସେଥିପାଇଁ ଝିଅକୁ ସୁନ୍ଦର ଭାବେ ସଜାଇ ତା'ର ଫଟୋ ଉଠାଇବା ସହ ତା' ଫଟୋକୁ ସୋସିଆଲ୍ ମିଡିଆରେ ସେୟାର୍ ମଧ୍ୟ କରୁଛନ୍ତି। ସେହିପରି ଗୀତ ପାଇଁ ତାଙ୍କୁ ବିଭିନ୍ନ ପ୍ରୋଗ୍ରାମ୍‌ରେ ସାମିଲ କରିବାକୁ ମଧ୍ୟ ସାଙ୍ଗରେ ନେଇକି ଯାଉଛନ୍ତି।







# ଏଣ୍ଟ୍ରାନ୍ସ ଦେଲେଣି ୨୫ ଥର



**ଉ**ଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ ଏଣ୍ଟ୍ରାନ୍ସ ବା ପ୍ରବେଶିକା ପରୀକ୍ଷାରେ ଥରେ କି ଦୁଇଥର ଫେଲ୍ ହୋଇଗଲେ ଯେଉଁଠି ଆଜିକାର ଯୁବପିଢୀମାନେ ନିଜର ଆତ୍ମବିଶ୍ୱାସକୁ ହରାଇ ବସୁଛନ୍ତି, ସେ କ୍ଷେତ୍ରରେ ଲିୟାଙ୍ଗ ଶୀଙ୍କୁ ଏକ ଉଦାହରଣ ଭାବେ ନିଆଯାଇପାରେ। ଚାଇନାର ଏହି ବ୍ୟକ୍ତିଙ୍କୁ ଏବେ ୫୫ ବର୍ଷ। ସେ ଜଣେ ସଫଳ ବିଲ୍ଡିଂ ମାଟେରିଆଲ୍ କମ୍ପାନୀର ମାଲିକ। ତାଙ୍କ ପାଖରେ ଟଙ୍କାପଇସାର ଅଭାବ ନାହିଁ। ଟଙ୍କା ବଳରେ ସେ ଯାହା ଚାହିଁବେ ତାହା କରିପାରିବେ। ତଥାପି ବି ତାଙ୍କର ଏକ ସ୍ୱପ୍ନ ଆଜିଯାଏଁ ପୂରଣ ହୋଇପାରୁନାହିଁ। ଲିୟାଙ୍ଗର ପିଲାଟି ଦିନରୁ ସ୍ୱପ୍ନ ଥିଲା ଚାଇନାର ପ୍ରସିଦ୍ଧ ସିଚୁଆନ୍ ୟୁନିର୍ଭସିଟିରେ ପାଠ ପଢିବେ। କିନ୍ତୁ ଆଜିଯାଏଁ ତାଙ୍କର ଏହି ସ୍ୱପ୍ନ ସାକାର ହୋଇପାରିନାହିଁ। କାରଣ ଚାଇନାରେ କଲେଜ ଶିକ୍ଷା ଗ୍ରହଣ କରିବା ନିମନ୍ତେ ଏକ କମନ୍ ଟେଷ୍ଟ ହୋଇଥାଏ, ଯାହାକୁ ଗାଓକାଓ ଏକ୍‌ଜାମ୍ କୁହାଯାଏ। ଏହି ପ୍ରବେଶିକା ପରୀକ୍ଷାରେ ପାସ୍ କଲେ ଛାତ୍ରୀଛାତ୍ରଙ୍କୁ କଲେଜରେ ଆଡ୍‌ମିଶନ ମିଳିଥାଏ। କିନ୍ତୁ ୟା'ଭିତରେ ଲିୟାଙ୍ଗ ଥରେ କି ଦୁଇ ଥର ନୁହେଁ ପ୍ରାୟ ୨୫ ଥର ଉକ୍ତ ପ୍ରବେଶିକା ପରୀକ୍ଷା ଦେଇସାରିଲାଣି ଆଉ ପ୍ରତିଥର ପାସ୍ ବି ହେଉଛନ୍ତି। କିନ୍ତୁ ସେ ଯେତିକି ର୍ୟାଙ୍କ୍ ରଖୁଛନ୍ତି, ସେଥିରେ ଅନ୍ୟ ଯେ କୌଣସି ୟୁନିର୍ଭସିଟିରେ ଆଡ୍‌ମିଶନ୍ ନେଇହେବ ହେଲେ ସିଚୁଆନ୍ ୟୁନିର୍ଭସିଟିରେ ନାଁ ଲେଖେଇ ହେବନାହିଁ। ଯେହେତୁ ତାଙ୍କର ବଡ଼ ସ୍ୱପ୍ନ ହେଉଛି ସିଚୁଆନ୍ ୟୁନିର୍ଭସିଟିରେ ପାଠ ପଢିବେ, ସେଥିପାଇଁ ସିଏ ଆଜିଯାଏଁ ପଢା ଜାରି ରଖିଛନ୍ତି ଆଉ ନିଜକୁ ପୁଣିଥରେ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ କରୁଛନ୍ତି। ସତରେ ଲିୟାଙ୍ଗର ଏହି ଚେଷ୍ଟା ଓ ଆତ୍ମବିଶ୍ୱାସ ଆଜିକାର ଯୁବପିଢୀଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ।